

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୮ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 MARCH 2024

Vol.No. 35 ■ No.67 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଜେପି ସହ ଆସନ ବୁଝାମଣା: ଦିଲ୍ଲୀ ଗଲେ ବିଜେଡ଼ିର ହେଭିୱେଟ ନେତା

ଭୁବନେଶ୍ୱର, ୦୭/୩ (ନି.ପ୍ର): ଦୀର୍ଘ ୧୫ବର୍ଷ ପରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଂଟକୁ ଫେରିବ ବିଜେଡି । ଗତକାଲି ଦୁଇଦଳ ଭିନ୍ନ ଭିନ୍ନ ବୈଠକ କରି ଦଳୀୟ ନେତାମାନଙ୍କୁ ସମ୍ଭାବ୍ୟ ମେଂଟ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଅବଗତ କରିବା ପରେ ଆଜି ଏହି ପ୍ରକ୍ରିୟା ଆଉ ପାଦେ ଆଗେଇବାର ସମ୍ଭାବନା ରହିଛି । ଓଡ଼ିଶାରେ ଉଭୟ ବିଧାନସଭା ଓ ଲୋକସଭା ଆସନ ବୁଝାମଣାର ଫର୍ମୂଲା ଓ କିଏ କେଉଁ ଆସନରେ ଲଢ଼ିବେ ତାହା ଚୂଡ଼ାନ୍ତ କରିବା ନିମନ୍ତେ ବିଜେଡି ନିଜର ଦୁଇଜଣ ନେତା ଭିକେ ପାଣ୍ଡିଆନ ଓ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ଦିଲ୍ଲୀ ପଠାଇଛି । ସେଠାରେ ଗତକାଲିଠୁ ରହିଥିବା ରାଜ୍ୟ ବିଜେପି ନେତୃତ୍ୱ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ଉପସ୍ଥିତିରେ ଏହି ଆସନ ବୁଝାମଣା ପ୍ରକ୍ରିୟା ଚୂଡ଼ାନ୍ତ ହେବ ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ସ୍ୱତନ୍ତ୍ର ଚାର୍ଟର ପ୍ଲେନରେ ବିଜେଡି ନେତା ଶ୍ରୀ ପାଣ୍ଡିଆନ ଓ ବବି ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ସେମାନେ ଆଜି ରାତି ପ୍ରାୟ ସାଢ଼େ ୮ଟାରେ ବିଜେପିର ବରିଷ୍ଠ ନେତା(ଓଡ଼ିଶା ଦାୟିତ୍ୱରେ ଥିବା)ଙ୍କ ଘରେ ରାଜ୍ୟ ବିଜେପି ନେତାମାନଙ୍କ ସହ ଆସନ ବୁଝାମଣାକୁ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ବିଜେପିର ରାଜ୍ୟ ନେତୃତ୍ୱମାନଙ୍କ ଏକ ବୈଠକ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ଘରେ ଅନୁଷ୍ଠିତ ହୋଇଥିଲା । ଗତକାଲି ବିଜେପିର ରାଜ୍ୟ ନେତୃତ୍ୱଙ୍କ ସହ ମଧ୍ୟ କେନ୍ଦ୍ରୀୟ କୋର କମିଟି ବୈଠକ ବସି ସମ୍ଭାବ୍ୟ ମେଂଟ ସମ୍ପର୍କରେ ଅବଗତ କରାଯାଇଥିଲା । ଏପଟେ ବିଜେଡି ମଧ୍ୟ ଗତକାଲି ନବୀନ ନିବାସରେ ଦଳୀୟ ନେତାମାନଙ୍କୁ ଡକାଇ ସମ୍ଭାବ୍ୟ ମେଂଟ ସମ୍ପର୍କରେ ସୂଚନା ଦେଇଥିଲା । ଆଜି ଦଳର ଦୁଇଜଣ ନେତା ପାଣ୍ଡିଆନ ଓ ବବି ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ସହ ଆସନ ବୁଝାମଣା କରିବେ ବୋଲି ଜଣାପଡ଼ିଛି । ଗତକାଲିଠୁ ଆଜି ମଧ୍ୟରେ ବଦଳୁଥିବା ରାଜନୀତିକ ପରିଦୃଶ୍ୟକୁ ଦେଖି ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଦୁଇ ଦଳ ମଧ୍ୟରେ ମେଂଟକୁ ନେଇ ଆନୁଷ୍ଠାନିକ ଘୋଷଣା କରିବା ପାଇଁ ଉଭୟ ଦଳର ଶୀର୍ଷ ନେତୃତ୍ୱ ଚାହୁଁଥିବା ଜଣାପଡ଼ିଛି । ଅସମର୍ଥିତ ସୂଚନା ଅନୁସାରେ, ଆଗାମୀ ସାଧାରଣ ▶▶ପୃଷ୍ଠା ୭

୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ବିଆରସି

ବଲାଙ୍ଗିର, ୦୭/୩ (ନି.ପ୍ର): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବିଆରସି ମଧୁସୂଦନ ପଟେଲ। ଏକ ଏସ୍‌ଏଚ୍‌ଜିର ପ୍ରତିନିଧିଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହି ଏସ୍‌ଏଚ୍‌ଜି କିଛି ପାଇଖାନା ତିଆରି କରିଥିଲା। ତା'ର ବିଲ୍ କରାଇ ଦେବା ପାଇଁ ବିଆରସି ମଧୁସୂଦନ ପଟେଲ ଲାଞ୍ଚ ମାଗିଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ବିଆରସି ମଧୁସୂଦନ ପଟେଲଙ୍କ ଦୁଇଟି ଠିକଣା ଉପରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏହି ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା

ନୂଆଦିଲ୍ଲୀ, ୦୭/୩ : କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଖୁସି ଖବର। ସରକାର ସେମାନଙ୍କ ମହଙ୍ଗା ଭତ୍ତା ବା ଡଇ ବଢ଼ାଇଛନ୍ତି। ଆଜି କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ମହଙ୍ଗା ଭତ୍ତାକୁ ସରକାର ୪% ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ମହଙ୍ଗା ଭତ୍ତା ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହି ବୃଦ୍ଧି ସହିତ ସେମାନଙ୍କ ମହଙ୍ଗା ଭତ୍ତା ୫୦%ରେ ପହଞ୍ଚିଛି। ଏହା ପୂର୍ବରୁ କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଗତ ବର୍ଷ ଅକ୍ଟୋବର ମାସରେ ବଢ଼ାଇଥିଲେ। ସେତେବେଳେ ବି ସରକାର ୪% ବୃଦ୍ଧି କରିଥିଲେ। ୨୦୨୩ ଜୁଲାଇ ୧ରୁ ପିଛିଲା ଭାବେ ଏହାକୁ ଲାଗୁ କରାଯାଇଥିଲା।

ବିଜେଡିରେ ମିଶିଲେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ

ଭୁବନେଶ୍ୱର, ୦୭/୩ (ନି.ପ୍ର): ଚର୍ଚ୍ଚାରେ ପଡ଼ିଛି ପୂର୍ଣ୍ଣଛେଦ। ବିଜେଡିରେ ମିଶିଛନ୍ତି ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର। ନବୀନ ନିବାସରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅରବିନ୍ଦ ଆଜି ବିଜେଡିରେ ଯୋଗ ଦେଇଛନ୍ତି। କିଛିଦିନ ହେବ ଅରବିନ୍ଦ ବିଜେଡିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିଲା। ଆଜି ଏହି ଚର୍ଚ୍ଚାର ଅନ୍ତ ଘଟିଛି। ଅରବିନ୍ଦ ଆଜି ବିଜେଡିରେ ଯୋଗ ଦେଇଛନ୍ତି। ଅରବିନ୍ଦ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଡିଗ୍ରୀ ଇଞ୍ଜିନିୟରିଂ କରିବା ପରେ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଘରୋଇ ସଂସ୍ଥାର ଓଡ଼ିଶା ଶାଖାରେ କାମ କରୁଥିଲେ। ୨୦୧୯ ନିର୍ବାଚନ ପରଠାରୁ ତାଙ୍କୁ ପାଟକୁରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏଣୁ ପାଟକୁରାରୁ ଅରବିନ୍ଦ ରାଜନୈତିକ ଇନିଂସ ଆରମ୍ଭ କରିବେ ବୋଲି ଚର୍ଚ୍ଚା ହେଉଛି। ଅରବିନ୍ଦଙ୍କର ଜଣେ ସମର୍ଥକ କହିଛନ୍ତି, ଅରବିନ୍ଦଙ୍କୁ ପାଟକୁରା ବାସୀ ଚାହୁଁଛନ୍ତି। ଯଦି ଅରବିନ୍ଦ ପାଟକୁରାରେ ନିର୍ବାଚନ ଲଢ଼ନ୍ତି, ତାହାହେଲେ ସେ ଲକ୍ଷାଧିକ ଭୋଟରେ ବିଜୟ ହେବେ। ଅରବିନ୍ଦ ମହାପାତ୍ର କହିଲେ ପାରକୁରାକୁ ବୁଝାଏ। ▶▶ପୃଷ୍ଠା ୭

ବଢ଼ିଲା ଆଉଟ୍‌ସୋର୍ସିଂ କର୍ମଚାରୀ ଓ ଆଶାକର୍ମୀଙ୍କ ପାରିଶ୍ରମିକ

ଭୁବନେଶ୍ୱର, ୦୭/୩ (ନି.ପ୍ର): ସର୍ଭିସ ପ୍ରୋଭାଇଡିଂ ଏଜେନ୍ସୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମାସିକ ପାରିଶ୍ରମିକରେ ୨୫% ବୃଦ୍ଧି କରାଯାଇଛି। ଏହା ସହିତ ଅଭିଜ୍ଞତା ଭିତ୍ତିରେ ପାରିଶ୍ରମିକ, ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଓ ଅଭିଯୋଗ ଶୁଣାଣି ଆଦି ବ୍ୟବସ୍ଥା କରିଛନ୍ତି ସରକାର। ଅଭିଜ୍ଞତା ଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ଅଧିକ ପାରିଶ୍ରମିକ ମିଳିବ। ପ୍ରତି ପାଞ୍ଚ ବର୍ଷର ଅଭିଜ୍ଞତା ପାଇଁ ମାସିକ ଅଧିକ ଏକ ହଜାର ଟଙ୍କା ମିଳିବ। ସେମାନେ ଯେପରି ମାସ ଶେଷରେ ଠିକ୍ ସମୟରେ ସେମାନଙ୍କର ପାରିଶ୍ରମିକ ପାଇପାରିବେ ସେ ନେଇ ବ୍ୟବସ୍ଥା ଗ୍ରହଣ କରିଛନ୍ତି ସରକାର। ଯେଉଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଏବେ ବର୍ଦ୍ଧିତ ପାରିଶ୍ରମିକ ପାଉଛନ୍ତି, ସେମାନଙ୍କ ବର୍ଦ୍ଧିତ ପାରିଶ୍ରମିକକୁ ନୂଆ ବ୍ୟବସ୍ଥାରେ ସୁରକ୍ଷା ଦିଆଯିବ। ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରଥମ ଦୁଇଟି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ୧୨୦ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ଆଉଟ୍‌ସୋର୍ସିଂ କର୍ମଚାରୀ ଓ ସର୍ଭିସ୍ ପ୍ରୋଭାଇଡିଂ ଏଜେନ୍ସୀ ମଧ୍ୟରେ ଥିବା ବିଭିନ୍ନ ବିବାଦର ସମାଧାନ ପାଇଁ ଓଡ଼ିଶା ଷ୍ଟେଟ୍ ଆଉଟ୍‌ସୋର୍ସିଂ ଏମ୍ପ୍ଲୋଇଜ୍ ଓୟୁଡ୍?ସମ୍ୟାନ୍ ଗଠନ ସଂପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆଉଟ୍‌ସୋର୍ସିଂ କର୍ମଚାରୀ ଓ ସର୍ଭିସ୍ ପ୍ରୋଭାଇଡିଂ ଏଜେନ୍ସୀଙ୍କ ଅଭିଯୋଗ ଶୁଣାଣି କରିବା ପାଇଁ ପ୍ରତି ବିଭାଗରେ ଜଣେ ଲେଖାଏଁ ନୋଡାଲ ଅଫିସର ରହିବେ। ଆଉଟ୍‌ସୋର୍ସିଂ କର୍ମଚାରୀ ଓ ସର୍ଭିସ୍ ପ୍ରୋଭାଇଡିଂ ଏଜେନ୍ସୀଗୁଡ଼ିକ ଯେପରି ଅତି ସହଜରେ ସେମାନଙ୍କ ଅଭିଯୋଗଗୁଡ଼ିକ ଦାଖଲ କରିପାରିବେ, ସେଥିପାଇଁ ଏକ ସଫ୍ଟୱେୟାର ଆପ୍ଲିକେସନ୍ ବିକଶିତ କରାଯିବ। ଏହି ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ପାଇଁ ସବୁ ବିଭାଗ ସର୍ଭିସ ପ୍ରୋଭାଇଡିଂ ▶▶ପୃଷ୍ଠା ୭

ପ୍ରସାଦଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୦୭/୩ (ନି.ପ୍ର): ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ଦେଇଛି ଏଆଇସିସି। ତାଙ୍କୁ ରାଜ୍ୟ କଂଗ୍ରେସୀ ନିର୍ବାଚନ ପରିଚାଳନା ଆବାହକ ▶▶ପୃଷ୍ଠା ୭

୩୭୦ ଉଚ୍ଛେଦ ପରେ ପ୍ରଥମଥର ଶ୍ରୀନଗରରେ ମୋଦି: କହିଲେ- ହୃଦୟ ଜିତିବାକୁ ଆସିଛି

ନୂଆଦିଲ୍ଲୀ, ୦୭/୩ : ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମଥର ପାଇଁ ଶ୍ରୀନଗରରେ ସାଧାରଣ ଲୋକଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିକଶିତ ଭାରତ, ବିକଶିତ ଜମ୍ମୁ-କଶ୍ମୀର କାର୍ଯ୍ୟକ୍ରମ ଅଧୀନରେ ସେ ୬,୪୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ବି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରି ଜମ୍ମୁ-କଶ୍ମୀରର ଲୋକଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ସେ ହୃଦୟ ଜିତିବାକୁ ଆସିଥିବା କହିଛନ୍ତି। ଆଜି ଶୁଭାରମ୍ଭ ହୋଇଥିବା ବିକାଶମୂଳକ ପ୍ରକଳ୍ପ ଜମ୍ମୁ-କଶ୍ମୀରର ବିକାଶକୁ ଆହୁରି ଆଗକୁ ନେବ। ବିକଶିତ ଭାରତ ପାଇଁ ଜମ୍ମୁ-କଶ୍ମୀରର ବିକାଶ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ମୋଦି କହିଛନ୍ତି, "ମୁଁ ଆପଣମାନଙ୍କ ହୃଦୟ ଜିତିବା ପାଇଁ କଠିନ ପରିଶ୍ରମ କରୁଛି। ମୋର ବିଶ୍ୱାସ ଯେ ମୁଁ ଠିକ ଦିଗରେ ଯାଉଛି। ଆପଣମାନଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି। ଆହୁରି ଅଧିକ ମାତ୍ରାରେ ହୃଦୟ ଜିତିବାକୁ ମୋର ଉଦ୍ୟମ ଜାରି ରହିଛି। ଏଠାକୁ ମୁଁ ଆପଣମାନଙ୍କ ହୃଦୟ ଜିତିବାକୁ ଆସିଛି। ଏମିତି ଏକ ଯୁଗ ଥିଲା ଯେଉଁ ▶▶ପୃଷ୍ଠା ୭

ବଢ଼ିଲା କେଜ୍ରିୱାଲଙ୍କ ଅଡୁଆ: ଡକାଇଲେ କୋର୍ଟ



ନୂଆଦିଲ୍ଲୀ, ୦୭/୩ : ବଢ଼ିଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ। ପୁଣି ଥରେ ତାଙ୍କୁ ଡକାଇଲେ କୋର୍ଟ। ତଥାକଥିତ ଦିଲ୍ଲୀର ମଦ ଦୁର୍ନୀତି ମାମଲାରେ କେଜ୍ରିୱାଲଙ୍କୁ ରାଉଜ ଏଭେନ୍ୟୁ କୋର୍ଟ ସମନ ପଠାଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଭିଯୋଗ ପରେ କୋର୍ଟ ଏହି ସମନ ଜାରି କରିଛନ୍ତି। କେଜ୍ରିୱାଲଙ୍କୁ ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ହାଜର ହେବାକୁ କହିଛନ୍ତି କୋର୍ଟ। ମଦ ଦୁର୍ନୀତି ମାମଲାରେ ଇଡି କେଜ୍ରିୱାଲଙ୍କୁ ଆଠଟି ସମନ ପଠାଇ ସାରିଛି। ତେବେ ସେ ଥରେ ବି ଇଡିରେ ହାଜର ହୋଇନାହାନ୍ତି। ଜାଣିଶୁଣି କେଜ୍ରିୱାଲ ସମନକୁ ଏଡାଇ ଦେଉଥିବା ଅଭିଯୋଗ କରି ଇଡି କୋର୍ଟର ଦ୍ୱାରସ୍ଥ ହୋଇଛି। କେଜ୍ରିୱାଲଙ୍କ ବିରୋଧ ମକଦ୍ଦମ ଚଳାଇବା ପାଇଁ କୋର୍ଟକୁ ଅନୁରୋଧ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। କହିରଖୁ ଯେ, କେଜ୍ରିୱାଲଙ୍କୁ ଇଡି ବାରମ୍ବାର ସମନ୍ସ ପଠାଇବା ସତ୍ତ୍ୱେ ସେ ହାଜର ହୋଇନାହାନ୍ତି। ଏହି ସମନକୁ କେଜ୍ରିୱାଲ ଏଡାଇଦେବା ସହ ଏହାକୁ ବେଆଇନ ବୋଲି କହିଛନ୍ତି। ଏହି ସମନ ବେଆଇନ ତଥାପି ସେ ଇଡି ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ। ମାର୍ଚ୍ଚ ୧୨ ପରେ ସେ ଇଡିକୁ ତାରିଖ ମାଗିଥିଲେ। ▶▶ପୃଷ୍ଠା ୭

ପିଞ୍ଚାବଣିଆଁ ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବସ୍ତା, ୦୭/୩ (ନି.ପ୍ର): ସ୍ଥାନୀୟ ରୂପା, ପିଞ୍ଚାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମ ର ୩୫ ତମ ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଅଛି । ଏହି ଉଦଯାପନ ଉତ୍ସବ ରେ ସମାଜସେବୀ ଶ୍ରୀମତୀ ଅଞ୍ଜଳୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରାଚୀନ ଗୁରୁକୁଳୀୟ ପରମ୍ପରା ର ମହନୀୟତା ଉପରେ ମତ ବ୍ୟକ୍ତ କରିବା ସହ ଗୁରୁକୁଳ ରେ ରହୁଥିବା ଅସହାୟ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ବୈଦିକ ସଂସ୍କୃତି ଉପରେ ମତ ବ୍ୟକ୍ତ କରିଥିଲେ । ଭଲ ମଣିଷ ର ସଂଜ୍ଞା ଉପରେ, ସମ୍ମାନିତ ବକ୍ତା ଧ୍ୱନି ପ୍ରତିଧ୍ୱନି ର ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା ବକ୍ତବ୍ୟ ରଖିବା ସହ ବରେଣ୍ୟ ଅତିଥି ଭାବେ ବିଷ୍ଣୁ ଚରଣ ବାନପ୍ରସ୍ଥି ପ୍ର.ଡ. ଜନାର୍ଦ୍ଦନ ବେହେରା ଆଦର୍ଶ ଶିକ୍ଷା ଗୁରୁ ଅଧ୍ୟାପକ ଶ୍ରୀଯୁକ୍ତ ତାପସ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ୨୮ନଂ. ଜୋନ୍ ର ଜିଲ୍ଲା ପରିଷଦ ଶ୍ରୀମାନ୍ ସଞ୍ଜୟ କୁମାର ସେଠି, ସମାଜସେବୀ ଶ୍ରୀଯୁକ୍ତ ସୁଧାକର ଗିରି, ଭଞ୍ଜ କିଶୋର ସାହୁ ଆଦି ପ୍ରମୁଖ ଅତିଥିଗଣ ଯୋଗଦାନ କରି ଗୁରୁକୁଳୀୟ ଶିକ୍ଷା ର ଭୂୟସି ପ୍ରଶଂସା କରିଥିଲେ । ବାଲେଶ୍ୱର ସଦର ବିଧାୟକ ମାନନୀୟ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଏବଂ ଧର୍ମ ପତ୍ନୀ ଶ୍ରୀମତୀ ସାଗରିକା ଦାସ ଙ୍କ ଯଜମାନତ୍ୱରେ ଦୀର୍ଘ ତିନି ଧରି ଚାଲିଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ର ପୂର୍ଣ୍ଣାହୁତି ହୋଇଥିଲା । ଅନ୍ୟ ଯଜମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ପ୍ରଭାତ ଚନ୍ଦ୍ର ମହାପାତ୍ର ଓ ଶ୍ରୀମତୀ ସରସ୍ୱତୀ ମହାପାତ୍ର, ସୃଷ୍ଟିଧର ଧଳ ଓ ବାସନ୍ତୀ ଧଳ ସପତ୍ନୀକ ତଥା ଅନ୍ୟ ଶ୍ରଦ୍ଧାଳୁ ଯଜ୍ଞ ପ୍ରେମୀଏହି ପୂର୍ଣ୍ଣାହୁତି ରେ ଅଂଶଗ୍ରହଣ କରି ଆହୁତି ପ୍ରଦାନ କରିଥିଲେ । ଅଗ୍ନିହୋତ୍ରୀ ନୃସିଂହ ବ୍ରହ୍ମଚାରୀ, ଶ୍ରୀକାନ୍ତ ବ୍ରହ୍ମଚାରୀ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ଆଚାର୍ଯ୍ୟ ଶ୍ରୀନିବାସ ପାଠି ଶର୍ମା, ପଣ୍ଡିତ ସୁରେନ୍ଦ୍ର ସିଂହ ▶▶ପୃଷ୍ଠା ୭

କାର୍ଯ୍ୟକାଳ ପୂରଣ ପୂର୍ବରୁ ବିହାରରେ ଭାଂଗିପାରେ ବିଧାନସଭା

ନୂଆଦିଲ୍ଲୀ, ୦୭/୩ : ବିହାରରେ ଆସନ ବୁଝାମଣା ନେଇ ଏନଡିଏର ସହଯୋଗୀ ଦଳମାନେ ଏପର୍ଯ୍ୟନ୍ତ କୌଣସି ସହମତିରେ ପହଂଚି ପାରିନାହାନ୍ତି । ସେପଟେ ଲୋକସଭା ନିର୍ବାଚନ ସହ ବିଧାନସଭା ନିର୍ବାଚନ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ସହଯୋଗୀ ବିଜେପି ଉପରେ ଚାପ ପକାଇବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଧାନସଭା ଭଙ୍ଗ କରିପାରନ୍ତି । ଲୋକସଭା ନିର୍ବାଚନରେ ଆସନ ବଂଟନରେ ବିଳମ୍ବ ଏହି ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି । ନୀତୀଶ କୁମାର ଆଜିଠୁ ବିଦେଶ ଗସ୍ତରେ ଯିବେ । ଏହା ପୂର୍ବରୁ ସେ ଦିଲ୍ଲୀରେ ବିଜେପିର ବରିଷ୍ଠ ନେତାଙ୍କ ସହ ବୈଠକ କରିବେ । ୨୦୨୦ ନଭେମ୍ବରରେ ବିହାରରେ ବିଧାନସଭା ନିର୍ବାଚନ ହୋଇଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶଙ୍କ କାର୍ଯ୍ୟକାଳ ଦେଢ଼ ବର୍ଷରୁ ଅଧିକ ରହିଛି । କିନ୍ତୁ ଲୋକସଭା ନିର୍ବାଚନରେ ଜେଡିୟୁ ମୁଖ୍ୟ ମୋଦି ଲହର ଆଧାରରେ

ଓଁ ନମଃ ଶିବାୟ

କାଳି ଦାସ

ସଂପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡ ଶିବଙ୍କ ଭକ୍ତି ରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସ ର କୃଷ୍ଣ ପକ୍ଷ ଚତୁର୍ଦସୀ ତିଥି କୁ ଶିବରାତ୍ରି ଭାବ ରେ ପାଳନ କରଯାଏ । ଲୋକମାନେ ଶିବ ମନ୍ଦିର ରେ ରାତି ସାରା ଘିଅ ଦୀପ ଜାଳି ଉଜାଗର ରହନ୍ତି ବୋଲି ଏହାକୁ ଜାଗର ଅମାବାସ୍ୟା ମଧ୍ୟ କହନ୍ତି ।

ଶିବରାତ୍ରି ସାରା ଭରତ ବର୍ଷ ରେ ମହା ଆନନ୍ଦ ଓ ଆଡମ୍ବର ରେ ପାଳନ କରନ୍ତି । ଏହି ପର୍ବ ରେ ଶିବ ମନ୍ଦିର ଗୁଡିକୁ ସୁନ୍ଦର ଭାବ ରେ ସଜାଇ ଦିଆଯାଏ । ପୂଜକ ଗଙ୍ଗାଜଳ ପୁଷ୍ପ ମହୁ ଘିଅ ଲେମ୍ବୁ ରେ ମହାଦେବଙ୍କୁ ସ୍ନାନ କରିଦିଅନ୍ତି । ଶିବଙ୍କ ପ୍ରିୟ ପୁଷ୍ପ ଧୁତୁରା ଅରଖ ଏବଂ ବେଲପତ୍ର ରେ ସଜାଯାଏ । ଭକ୍ତ ମାନେ ପୁଷ୍ପ ନୈବେଦ୍ୟ ଆଦି ଦେଇ ସ୍ତବ ପାଠ କରନ୍ତି । ଭକ୍ତ ମାନେ ମାନସିକ ରଖି ନିର୍ଜଳ ଉପବାସ କରନ୍ତି । ରାତି ରେ ଉଜାଗର ରହି ସାରା ରାତି ମନ୍ଦିର ବେଢାରେ ଘିଅ ଦୀପ ଜାଳି ଶିବଙ୍କ ନିକଟରେ ନିଜର ତଥା ନିଜ ପରିବାର ର ମଙ୍ଗଳ କାମନା କରନ୍ତି ।ମଧ୍ୟ ରାତ୍ରି ରେ ପ୍ରଧାନ ପୂଜକ ମନ୍ଦିର ଉପରେ ମହାଦୀପ ରଖିଦେଇ ଆସନ୍ତି । ଏହି ମହାଦୀପ ଦର୍ଶନ ରେ କୋଟିଜନ୍ମ ର ପାପ ଧ୍ୱଂସ ହୋଇ ପୂଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଭକ୍ତ ମାନଙ୍କର ବିଶ୍ୱାସ । ତେଣୁ ମହାଦୀପ ଦର୍ଶନ କରିବା ପାଇଁ ମନ୍ଦିର ବେଢାରେ ହଜାର ହଜାର ଭକ୍ତ ଉପସ୍ଥିତ ଥାନ୍ତି । ଶଙ୍ଖ , ହୁଳହୁଳି , ଘଣ୍ଟି ଓ ମାର୍ଦ୍ଦଳ ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହୋଇ ଉଠେ । ସମସ୍ତଙ୍କ ମନରେ ଅପାର ଆନନ୍ଦ ର ଲହରୀ ଖେଳି ଯାଏ । ପ୍ରତ୍ୟେକ ଭକ୍ତଙ୍କ ହୃଦୟରେ ଅପୂର୍ବ ଧର୍ମଭାବ ଦେଖାଯାଏ ।

ଭକ୍ତ ତଥା ଯାତ୍ରୀ ମାନଙ୍କ ସକାଶେ ମନ୍ଦିର ବାହାର ରେ ବହୁତ ଦୋକାନ ବସିଥାଏ । ରାତ୍ର ସାରା ଦୋକାନ ମାନଙ୍କରେ ବିକାକିଣା ଚାଲିଥାଏ । କେତକ ସ୍ଥାନ ରେ ଶିବ ମନ୍ଦିର ପାଖରେ ଦଶ ପନ୍ଦର ଦିନ ପର୍ଯ୍ୟନ୍ତ ମେଳା ବସେ । ମେଳାରେ ଲୋକେ ଆନନ୍ଦ ସହିତ ବୁଲନ୍ତି । ମନ୍ଦିର ବାହାରେ ଶିବରାତ୍ରି ଦିନ ଅନେକ ଦଖି ଗରିବ ଓ ଭିକାରି , ଯାତ୍ରୀ ମାନଙ୍କ ଠାରୁ ଭିକ ମାଗନ୍ତି । ଯାତ୍ରୀ ମାନେ ଖୋଲା ମନରେ ଦାନ ଦେଇଥାନ୍ତି ।

ସାରା ଭାରତ ବର୍ଷ ରେ ଥିବା ଦ୍ୱାଦଶ ଜୋତିର୍ଲିଙ୍ଗ ସହିତ ଆମ ରାଜ୍ୟ ଓଡିଶା ରେ ମଧ୍ୟ ଶିବରାତ୍ରି ପର୍ବ ମହା ଆଡମ୍ବର ରେ ପାଳନ କରାଯାଏ । ଆମ ଓଡିଶା ର ଭୁବନେଶ୍ୱର ରେ ଥିବା ଲିଙ୍ଗରାଜ ମନ୍ଦିର , ପୁରୀର ଲୋକନାଥ ମନ୍ଦିର ଓ ଢେଙ୍କାନାଳର କପିଳାସ ପର୍ବତ ଉପରେ ଥିବା ଚନ୍ଦ୍ରଶେଖର ମନ୍ଦିର ଭାରତ ପ୍ରସିଦ୍ଧ । ଶିବରାତ୍ରି ଦିନ ଏହି ମନ୍ଦିର ଗୁଡିକ ରେ ବହୁତ ଭକ୍ତ ଜମା ହୁଅନ୍ତି । ସାରା ଭାରତ ବର୍ଷ ର ଲକ୍ଷ ଲକ୍ଷ ଶିବଭକ୍ତ ଶିବରାତ୍ରି ପର୍ବକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହିତ ଓ ବିଶ୍ୱାସ ସହିତ ପାଳନ କରନ୍ତି ।

ଭାରତ ରେ ଅନେକ ପର୍ବ ପାଳନ କରାଯାଏ ।ମହା ଶିବରାତ୍ରୀ ଭାରତ ର ଏକ ପ୍ରମୁଖ ମାତ୍ର ପର୍ବ । ଶିବଙ୍କ ଜନ୍ମଦିନ କୁ ଆମେ ଶିବ ରାତ୍ରୀ ରୂପେ ପାଳନ କରୁ । ଶିବ ହେଲେ ହିନ୍ଦୁ ଧର୍ମ ର ପ୍ରମୁଖ ଦେବତା । ମାହାଶିବରାତ୍ରୀ କୃଷ୍ଣ ପକ୍ଷ ର ଚତୁର୍ଦସୀ ରେ ପାଳନ କରାଯାଇଥାଏ । ଭଗବାନ ଶିବଙ୍କ ଜନ୍ମ ଦିନ କୁ ଭକ୍ତ ମାନେ ମହାଉତ୍ସବ ରୂପେ ପାଳନ କରିଥାନ୍ତି । ଭଗବାନ ଶିବଙ୍କୁ ତେତିଶ କୋଟି ଦେବୀ ଏବଂ ଦେବତା ମାନଙ୍କ ଭିତରେ ପ୍ରମୁଖ ଦେବ ରୂପେ ମାନାଯାଏ ସେଥିପାଇଁ ଶିବଙ୍କୁ ମହାଦେବ ବୋଲି କୁହାଯାଏ । ପୁରାଣ ଅନୁସାରେ ଭଗବାନ ଶିବଙ୍କ ୧୦୦ ଠାରୁ ଅଧିକ ନାମ ଅଛି କିନ୍ତୁ ଶିବଙ୍କ ନାମ ଯେମିତି କି ଭୋଲେନାଥ, ଜଟାଧାରୀ, ଶିବ ପଶୁପତି ପର୍ବତନାଥ ରୂପେ ଭକ୍ତ ମାନେ ପୂଜା କରନ୍ତି ।

ପୁରାଣ ର କଥା ଅନୁସାରେ ଭଗବାନ ଶିବ ପଶୁ ପ୍ରେମୀ ଥିଲେ। ଶିବ ପୁରାଣ ଅନୁସାରେ ଭଗବାନ ଶିବ ଛ ମାସ ପାଇଁ କୈଳାସ ପର୍ବତ ଠାରେ ତପସ୍ୟା ଏବଂ ଜପ କରିଥିଲେ । ଭଗବାନ ଶିବ ଛ ମାସରେ ଜୀବଜନ୍ତୁ ଏବଂ କୀଟପତଙ୍ଗଙ୍କୁ ନିଜ ତପସ୍ୟା ଭିତରେ ସ୍ଥାନ ଦେଇଥିଲେ । ସେମାନେ ବି ଆନନ୍ଦ ରେ ରହୁଥିଲେ । ଶିବ ଭଗବାନ ନିଜ ତପସ୍ୟା ର ଛ ମାସ ପରେ କୈଳାସ ପର୍ବତ ରୁ ଓହ୍ଲାଇ ଆସି ଶ୍ମଶାନ ଘାଟ ରେ ରହିଥିଲେ । ସେହିଦିନ କୁ କୃଷ୍ଣ ଏକାଦେଶୀ ରୂପେ ପାଳନ କରାଯାଇଥାଏ ।

ଭାରତ ରେ ଶିବରାତ୍ରୀ ର ମହତ୍ୱ ବହୁତ ଅଛି । ଏହି ଦିନ ଶିବ ମନ୍ଦିର ରେ ଶିବଙ୍କ ମୂର୍ତ୍ତି କୁ ସ୍ନାନ କରାନ୍ତି ଏବଂ ଫୁଲ ଏବଂ ଫଳ ରେ ସଜା ଯାଏ । ଏହି ଦିନ ଶିବ ଭକ୍ତ ଉପବାସ ରଖନ୍ତି । ଭକ୍ତମାନେ କେବଳ ଖିର ଏବଂ ଫଳ ସେବନ କରନ୍ତି । ଭକ୍ତ ମାନେ ନିଜ ସୁବିଧା ସମୟ ଓ ପରିସ୍ଥିତି ଦେଖି ଶିବ ମନ୍ଦିର ରେ ଫଳ ଏବଂ ଖିର ନେଇଯାଇଥାନ୍ତି ଏବଂ ଭଗବାନ ଶିବଙ୍କ ପ୍ରତିମା କୁ ଖିର ଦ୍ୱାରା ଶ୍ରଦ୍ଧାଞ୍ଜଳି ଦିଅନ୍ତି ଏବଂ ଫଳ କୁ ପ୍ରସାଦ ରୂପରେ ଦିଅନ୍ତି । ଏହି ଦିନ ଭଗବାନ ଶିବଙ୍କୁ ବାହାନା ନଦୀ ରେ ପୂଜା ଅର୍ଚ୍ଚନା କରାଯାଇଥାଏ । ଏବଂ ମାନାଯାଏ କି ଏମତି କଲେ ପୁନ୍ୟ ପ୍ରାପ୍ତ ହୋଇଥାଏ । ଶିବରାତ୍ରୀ ଦିନ ଗଙ୍ଗା ରେ ସ୍ନାନ କାଲେ ପୁନ୍ୟ ପ୍ରାପ୍ତ ହୁଏ ।

ମାହାଶିବରାତ୍ରୀ ଏମିତି ପାଳନ କରାଯାଇଥାଏ । ମାହାଶିବରାତ୍ରୀ ଦିନ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥାଏ । ଏହି ଦିନ କେତକ ସ୍ଥାନ ରେ ମେଳା ର ଆୟୋଜନ ମଧ୍ୟ କରାଯାଏ । ପୁରା ଭାରତ ରେ ଏହି ପର୍ବ ହାର୍ଷ ଉଲ୍ଲାସ ରେ ପାଳନ କରାଯାଇଥାଏ । ମନ୍ଦିର କୁ ଏହି ଦିନ ଫୁଲ ରେ ସଜାଇଦିଆଯାଇଥାଏ । ଭକ୍ତ ମାନେ କିଛି ନ ଖାଇ ବ୍ରତ ଏବଂ ଉପବାସ ରେ ରହନ୍ତି । ସକାଳୁ ସକାଳୁ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥାଏ । ଭକ୍ତ ମାନେ ଫଳ, ବରକୋଳି , ଖିର ଏବଂ ଦହି ନେଇ ମନ୍ଦିର ରେ ପ୍ରବେଶ କରନ୍ତି । ମନ୍ଦିର ରେ ଶିବଲିଙ୍ଗ ରେ ଜଳ ଏବଂ ପଞ୍ଚାମୃତ ଦ୍ୱାରା ସ୍ନାନ କରାଯାଏ ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

ଭଗବାନ ଶିବଙ୍କ ପୁଣ୍ୟ ବ୍ରତ ମହାଶିବରାତ୍ରି

ଡକ୍ଟର ଲକ୍ଷ୍ମଣ ସାହୁ

ମହା ଶିବରାତ୍ରି ଏକ ହିନ୍ଦୁ ପର୍ବ । ଏହି ଦିନ ଶିବଙ୍କ ପୂଜା କରଯାଏ । ଏହା ଫାଲ୍‌ଗୁନମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ପାଳନ କରାଯାଏ ।ଶିବ ଓ ଶକ୍ତିର ମିଳନରେ ଏ ବ୍ରହ୍ମାଣ୍ଡ । ଶିବ ଶାଶ୍ୱତ ସନାତନ । ତାଙ୍କର ଆକାର ନଥିବାରୁ ସେ ନିରାକାର , ଆଦି ନଥିବାରୁ ସେ ଅନାଦି, ଅନ୍ତ ନଥିବାରୁ ସେ ଅନନ୍ତ , ଜନ୍ମ ନଥିବାରୁ ସେ ସ୍ୱୟମ୍ଭୁ , ମୃତ୍ୟୁ ନଥିବାରୁ ସେ ମୃତ୍ୟୁଞ୍ଜୟ , ଶ୍ରେଷ୍ଠ ଦେବତା ନଥିବାରୁ ସେ ଦେବଶ୍ରେଷ୍ଠ ଦେବା ଦେବ ମହାଦେବ । ଶିବ ହେଉଛନ୍ତି ପ୍ରଥମ ଓ ଶିବ ହେଉଛନ୍ତି ଶେଷ । ଧର୍ମର ମୂଳ ହେଉଛନ୍ତି ଶିବ । ଶିବଙ୍କ ଠାରେ ହିଁ ଧର୍ମ , ଅର୍ଥ , କାମ ଓ ମୋକ୍ଷ ଅନ୍ତର୍ନିହିତ ରହିଛି। ଭଗବାନ ଶିବ ହେଉଛନ୍ତି ପରା ପ୍ରକୃତି । ସେ ଦିବ୍ୟ , ସନାତନ , ବ୍ରହ୍ମ , ଅଶରୀର , ନିଷ୍କଳଙ୍କ , ମୁକ୍ତ ଓ ପବିତ୍ର । ସେ ଅପରିସୀମ ଆନନ୍ଦ । ସେ ମେଧାର ପ୍ରତୀକ । ଭଗବାନ ଶିବ ହେଉଛନ୍ତି ପରମାତ୍ମା ସର୍ବବ୍ୟାପକ । ସୃଷ୍ଟି ସର୍ଜନା ନିମିତ୍ତ ସେ ନିଜେ ନିଜ ବାମାଙ୍ଗରୁ ନାରୀ ସୃଷ୍ଟି କରିଥିବାରୁ ସେ ହେଉଛନ୍ତି ଅର୍ଦ୍ଧନାରୀଶ୍ୱର । ଶିବ ସର୍ବଦା ଧ୍ୟାନ ମଗ୍ନ ରହିଥାନ୍ତି । ଏଥିପାଇଁ ତାଙ୍କୁ ଧ୍ୟାନ କଲେ ମୋକ୍ଷ ପ୍ରାପ୍ତି ହୁଏ । ସେ ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କରନ୍ତି ଓ ବିଷ୍ଣୁ ମଧ୍ୟ ଭଗବାନ ଶିବଙ୍କୁ ଧ୍ୟାନ କରନ୍ତି । ସେଥିପାଇଁ ଭଗବାନ ବିଷ୍ଣୁ ଓ ଶିବଙ୍କୁ ହରିହର ରୂପେ ସର୍ବେ ଜାଣନ୍ତି ।

ମହାଦେବଙ୍କ ନଟରାଜ ମଧ୍ୟ କୁହାଯାଏ । ତ୍ରିଲୋଚନ ମହାବଳୀ ତ୍ରିପୁରାସୁରଙ୍କୁ ମାରିବା ପରେ ଅସୁରର ମର ଶରୀର ଉପରେ ନୃତ୍ୟାରମ୍ଭ କରିଥିଲେ । ଏହି ତାଣ୍ଡବ ନୃତ୍ୟ ଏତେ ଭୟଙ୍କର ହୋଇଥିଲା ଯେ ତିନିଲୋକ ଥର ହର ହେଲେ ଓ ଏହି ନୃତ୍ୟକୁ ବନ୍ଦ କରିବା ପାଇଁ ମହାମାୟାଙ୍କର ଶରଣାଗତ ହେଲେ । ମହାମାୟାଙ୍କର ଉପସ୍ଥିତି ହେତୁ ଶିବଙ୍କର ତାଣ୍ଡବ ନୃତ୍ୟ ପରିସମାପ୍ତି ଘଟିଥିଲା । ନଟରାଜଙ୍କର ଏହି ଆକର୍ଷଣୀୟ ରୂପ ଖୁବ୍ ମନୋଲୋଭା । ଶିବ ଅଥର୍ବ ବେଦର ରଚୟିତା ତଥା ନାଟ୍ୟ ଶାସ୍ତ୍ରର ଜନକ, ସ୍ୱୟଂ ନଟରାଜ । କୁହାଯାଏ ଶିବ କୋପ କଲେ ତାଣ୍ଡବ ନୃତ୍ୟ କରନ୍ତି । ଶିବ ସଂଘାର କର୍ତ୍ତା ମଧ୍ୟ ଏକଥା ସମସ୍ତେ ଜାଣନ୍ତି । ମହିଷାସୁର ବଧ କଲା ପରେ ଦେବୀ ଦୁର୍ଗା ଭୟଙ୍କର ରୂପ ଧାରଣ କରି ହେଲେ କାଳୀ। ତାଙ୍କୁ ଶାନ୍ତ କରିବାକୁ ସମସ୍ତ ଦେବଗଣ ଅସାମର୍ଥ୍ୟ ପ୍ରକାଶ କରିବାରୁ ଶିବ ଆଗେଇ ଆସିଲେ ଓ ରାସ୍ତା ଅବରୋଧ କରି ଶୋଇଲେ । କାଳୀଙ୍କ ପାଦ ଶିବଙ୍କ ଛାତି ଉପରେ ପଡିବାରୁ ତାଙ୍କର ଚେତନା ଜାଗ୍ରତ ହେଲା ଓ ସେ ସମ୍ବିତ୍ ଫେରି ପାଇଲେ, ଏପରି ମହାନ ଶିବଶକ୍ତି । ହରି ଓ ହର ଏକ ଏବଂ ଅଭିନ୍ନ । ହରି ଆତ୍ମା ହେଲେ ହର ଚେତନା । ଶିବରାତ୍ରିରେ ଉଜାଗର ରହି ଭିତରର ଚେତନାକୁ ଜାଗରିତ କରିବା 'କର୍ପୁର ଗୌରଂ କରୁଣାବତାରଂ ସଂସାର ସାରଂ ।'

ପୁରାଣ ଶାସ୍ତ୍ରରେ ଉଲ୍ଲେଖ ଅଛି ମୁନି ସନତ କୁମାରଙ୍କ ମତରେ ଶିବଙ୍କୁ ପ୍ରସନ୍ନ କରିବାର ଦଶଟି ବ୍ରତ ଅଛି । ସେ ମଧ୍ୟରୁ ଶିବରାତ୍ରି ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ । ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବ ବ୍ରତ ମଧ୍ୟରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । କେତେକ ଶ୍ରୁତି ଅନୁସାରେ ପୁଣ୍ୟ ମାସ ମାଘ ମାସର 'ମାଘସ୍ନାନ' ବ୍ରତ ମଧ୍ୟରେ କୃଷ୍ଣ ଚତୁର୍ଦ୍ଦଶୀ ତିଥିକୁ ଏକ ଶିବରାତ୍ରି ବ୍ରତ ପାଳନର ପବିତ୍ର ଦିନ ବୋଲି କୁହାଯାଏ । ତେଣୁ ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଉଥିବା ଶିବରାତ୍ରି ବ୍ରତକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଏ। ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ପର୍ବ ବେଶ ଭକ୍ତି ଓ ଉଲ୍ଲାସର ସହ ପାଳିତ ହୋଇଥାଏ ।

ଅନ୍ୟ ପକ୍ଷରେ ଦେବଦେବ ମହାଦେବଙ୍କ ଦ୍ୱାରା ଏଇ ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ଲୋକ ବିଶ୍ୱାସ ରହିଛି । ପୁରାଣର ଅନ୍ୟଏକ ଆଖ୍ୟାନ ଅନୁସାରେ, ଦେବ ଓ ଅସୁରମାନଙ୍କଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷକୁ ଶିବ ପାନକରି ଧରିତ୍ରୀକୁ ମହାବିପଦରୁ ରକ୍ଷା କରିଥିଲେ । ଶିବ ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ସଂଜ୍ଞା ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି । ଏହି ପବିତ୍ର ଦିବସରେ ଶିବ ଲିଙ୍ଗ ଭାବରେ ଆବିର୍ଭୂତ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଏ ।

ମହାଭାରତର ଶାନ୍ତି ପର୍ବରେ ଶିବରାତ୍ରର ମହିମା ସମ୍ପର୍କରେ କଥିତ ଅଛି ଯେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଯୁଧିଷ୍ଠିରଙ୍କୁ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରି ପାଳନ ସମ୍ପର୍କରେ ଇକ୍ଷାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ । ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରି ଉପବାସ ପାଳନ କରିଥିଲେ । ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପୁଛାକରିଥିଲେ । ରାଜା ଜାତିସ୍ମର ଥିବାରୁ ନିଜ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରି କହିଲେ ଯେ ସେ ପୂର୍ବଜନ୍ମରେ ସୁସ୍ୱର ନାମରେ ଜଣେ ଶିକାରୀ ଥିଲେ । ଦିନେ ବଣରେ ବୁଲୁବୁଲୁ ସନ୍ଧ୍ୟା ହେଲା । ନିଜ କୁଟୀରକୁ ଫେରି ନ ପାରି ରାତିରେ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷାପାଇବା ପାଇଁ ସେ ନିକଟରେ ଥିବା ବେଲଗଛ ଉପରକୁ ଚଢ଼ିଗଲେ । ରାତିସାରା ବେଲପତ୍ର ଛିଡ଼ାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଲୁହ ଝରାଇବାକୁ ଲାଗିଲେ । ତାଙ୍କ ଅଜାଣତରେ ସେହି ଲୁହ ଓ ପତ୍ର ବିଲ୍ୱ ବୃକ୍ଷର ପାଦଦେଶରେ ଥିବା ଶିବଲିଙ୍ଗ ଉପରେ ପଡୁଥିଲା । ସକାଳ ହେବାରୁ ସେ ଶିକାର ଧରି ଘରକୁ ଫେରିଲେ । ପ୍ରଥମେ ଜଣେ ଭିକ୍ଷୁକୁ କିଛି ଖାଦ୍ୟ ଦାନକରି ନିଜେ ଖାଦ୍ୟଗ୍ରହଣ କଲେ । କିଛି ବର୍ଷ ପରେ ତାଙ୍କ ମୃତ୍ୟୁ ହେବାରୁ ସେ ଶୈବଲୋକ ପ୍ରାପ୍ତ ହେଲେ । ସେ ଶିବରାତ୍ରି ଦିନ ଉପବାସ ରହି ଶିବଲିଙ୍ଗ ଉପରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିବାରୁ ସେ ଶିବଙ୍କ ପାଖରେ ରହିବାର ସୁଯୋଗ ଲାଭ କରି ପରଜନ୍ମରେ ଚିତ୍ରଭାନୁ ରୂପରେ ରାଜଗାଦି ଭୋଗ କଲେ । ସେହି ଦିନଠାରୁ ଶିବଙ୍କର ବେଲ ଓ ବେଲପତ୍ର ଅତି ପ୍ରିୟ ପାଲଟି ଗଲା । ଶିବ ଭକ୍ତମାନେ ଏହି ପତ୍ର ଶିବଲିଙ୍ଗ ଉପରେ ରଖି ନିଜର ମନସ୍କାମନା ପୂରଣ କରିଥାନ୍ତି ।

ଆଉ ଏକ ରହସ୍ୟମୟ ଗାଥା ଅନୁସାରେ କଳ୍ପର ପ୍ରାରମ୍ଭରେ ଭଗବାନ ବ୍ରହ୍ମା କ୍ଷୀରସାଗରରେ ପହଞ୍ଚି ସେ ଦେଖିଲେ ଭଗବାନ ନାରାୟଣ ଶେଷନାଗଙ୍କ ଉପରେ ବିଶ୍ରାମ କରୁଛନ୍ତି। ଭୂମିଦେବୀ, ଶ୍ରୀଦେବୀ, ମହାଲକ୍ଷ୍ମୀ ଭଗବାନଙ୍କ ଶ୍ରୀଚରଣ ସେବା କରୁଛନ୍ତି । ବ୍ରହ୍ମା ଏଭଳି ଦୃଶ୍ୟ ଦେଖି କ୍ରୋଧିତ ହୋଇ ନାରାୟଣଙ୍କ ଯାଇ ପଚାରିଲେ କିଏ ତୁମେ ? ଉଠ ଦେଖ ମୁଁ ତୁମର ସ୍ୱାମୀ, ଜଗତପିତା ସମ୍ମୁଖରେ ଉପସ୍ଥିତ ହୋଇଛି । ଭଗବାନ ନାରାୟଣ କହିଲେ, ତୁମେ ସ୍ୱୟଂ ମୋ ନାଭିକମଳରୁ ଜାତ ହୋଇଛ, ଏଣୁ ତୁମେ ମୋର ପୁତ୍ର । ଦୁହିଁଙ୍କ ମଧ୍ୟରେ ବାଦବିବାଦ ଘଟି ମହା ବିନାଶକାରୀ ଯୁଦ୍ଧରେ ପରିଣତ ହେଲା । ଫଳରେ ଦେବଗଣ ମହାଦେବଙ୍କ ନିକଟକୁ ଯାଇ ସୃଷ୍ଟି ରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ । ମହାଦେବ ସେହି ମୁହୂର୍ତ୍ତରେ ଉଭୟ ଯୁଦ୍ଧ କରୁଥିବା ସ୍ଥାନରେ ଜ୍ୟୋତିର୍ମୟ ସ୍ତମ୍ଭରୂପେ ପ୍ରକଟିତ ହେଲେ । ବ୍ରହ୍ମା ଓ ବିଷ୍ଣୁଙ୍କ ଦ୍ୱାରା ପ୍ରୟୋଗ ହୋଇଥିବା ମହେଶ୍ୱର ଓ ପାଶୁପତ ଅସ୍ତ୍ର ଧୀରେ ଧୀରେ ସେହି ଜ୍ୟୋତିର୍ମୟ ଲିଙ୍ଗରେ ଲୀନ ହୋଇଥିଲା । ଶେଷରେ ବ୍ରହ୍ମା ଓ ବିଷ୍ଣୁ ଉଭୟେ ସେହି ସ୍ତମ୍ଭ ବା ଲିଙ୍ଗର ପୂଜାର୍ଚ୍ଚନା ଆରମ୍ଭ କଲେ । ଏହି ଲିଙ୍ଗ ଫାଲ୍ ?ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପ୍ରକଟ ହୋଇଥିବା ଯୋଗୁ ସେଦିନରୁ ଲିଙ୍ଗ ପୂଜା ହୋଇ ଆସୁଛି । ବ୍ରହ୍ମା ଓ ବିଷ୍ଣୁ ଉଭୟେ ପଚାରିଲେ ମହାଭାଗ ଆମେ ଲିଙ୍ଗର ଆଦିଅନ୍ତ ପ୍ରାପ୍ତ କରିପାରିଲୁ ନାହିଁ, ମନୁଷ୍ୟ କେମିତି ପୂଜାର୍ଚ୍ଚନା କରିବ। ତେଣୁ ମହାଦେବ ଏହି ଲିଙ୍ଗକୁ ଦ୍ୱାଦଶ ଜ୍ୟୋତି ଲିଙ୍ଗରେ ବିଭକ୍ତ କଲେ । ସେହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଉଛି ।

କୁହାଯାଏ ଶିବଙ୍କ ପୂଜା ଉପାସନା ନିମନ୍ତେ ସୋମବାର, ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ ଅଟେ । ଅନ୍ୟ ଦେବତାଙ୍କର ପୂଜା ଦିବସରେ ହେଉଥିବାବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା କେବଳ ରାତିରେ ହୁଏ । ଶିବ ବ୍ରତାଚାରୀମାନେ ସେହି ଦିନରେ ପୂର୍ଣ୍ଣ ଉପବାସ କରନ୍ତି । ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତି । ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି । ଗୁରୁଦତ୍ତ ନାମ ଜପର ବିଧି ରହିଛି ଯିଏ ଗୁରୁ କରିନଥିବ ସେ ଶିବଙ୍କର ଅଷ୍ଟନାମ ଯଥା- ଭବ, ଶର୍ବ, ରୁଦ୍ର, ପଶୁପତି, ଉଗ୍ର, ମହାନ ଭୀମ, ଈଶାନ ମଧ୍ୟରୁ ଯେକୌଣସି ନାମ କିମ୍ବା ' ଓଁ ନମଃ ଶିବାୟ' ପଞ୍ଚାକ୍ଷର ମନ୍ତ୍ର ଜପ କରିପାରିବ ।

ବିଧି ଅନୁସାରେ ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ । ପ୍ରତ୍ୟେକ ପ୍ରହରର ସମୟ ତିନି ଘଟିକା । ପ୍ରଥମ ପ୍ରହର ବା ସନ୍ଧ୍ୟା ସମୟରେ ଶିବଲିଙ୍ଗକୁ ଦୁଗ୍ଧରେ ଅଭିଷେକ କରାଯାଏ । ଦ୍ୱିତୀୟ ପ୍ରହର ବା ସନ୍ଧ୍ୟାର ପରବର୍ତ୍ତୀ ସମୟରେ ଲିଙ୍ଗକୁ ଦହିରେ ଅଭିଷେକ କରାଯାଏ । ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ । ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଚୂଡ଼ାଦେଶକୁ ମହାଦୀପ ଉଠାଯାଏ । ସାରା ସଂସାରରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଆଲୋକ ପ୍ରଦାନ କରିବା ହେଉଛି ମହାଦୀପ ଉଠାଣର ଉଦ୍ଦେଶ୍ୟ । ରାତ୍ରର ପ୍ରତ୍ୟେକ ପ୍ରହରରେ ଶିବଲିଙ୍ଗ

ବିଶ୍ୱ ମହିଳା ଦିବସର ଅନୁଚିନ୍ତା

ଅରୁଣ କୁମାର ତ୍ରିପାଠୀ
କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ମୋ:୯୦୭୮୮୩୮୬୨୭

ମହିଳା ଏବଂ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟୋ ପାର୍ଶ୍ୱ ବୋଲି ଅଭିହିତ କରାଯାଏ । କେହି କେହି ଗୋଟିଏ ଗାଡ଼ିର ଦୁଇଟି ଭିନ୍ନ ଚକ ବୋଲି ମଧ୍ୟ କହନ୍ତି । କିନ୍ତୁ ଶୁଣିବାକୁ ଭଲ ଲାଗୁଥିବା ଏହି କଥାଗୁଡ଼ିକ ତାତ୍ତ୍ୱିକ ଭଲଲାଗେ । ଉପସ୍ଥାପନାରେ ବହୁତ ପାତର ଅନ୍ତର ପରିଲକ୍ଷିତ ହୁଏ । ଛୁଆ ଜନ୍ମରୁ କୋକେଇରେ ଗଲାଯାଏଁ ପୁଅପିଲାଠାରୁ ଭିନ୍ନ ପରମ୍ପରା ଅନୁସରଣ କରାଯାଏ । ଯେଉଁମାନେ ସବୁ ମହିଳା ସଶକ୍ତିକରଣ ଉପରେ ଲମ୍ବା ଚୌଡ଼ା ଭାଷଣ ଦିଅନ୍ତି, ସେହି ମାନଙ୍କ ପରିବାରରେ ମହିଳାଙ୍କ ଅବସ୍ଥା ଶୋଚନୀୟ ଥାଏ । ସାଧାରଣ ହସଟିଏ ପାଇଁ ମଧ୍ୟ ଝିଅଟିଏ ଗାଳି ଶୁଣିଥିବା ବେଳେ ପୁଅପାଇଁ ସେମିତି କିଛି ନିୟମ ଧାର୍ଯ୍ୟ କରାଯାଇନଥାଏ । ରାଜ୍ୟ ସରକାରଙ୍କ ସ୍ଲୋଗାନ୍ ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ ହେଉ ନତୁବା କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନାର ଅନୁପାଳନ ଫାଇଲିରୁ କାର୍ଯ୍ୟକାରୀ ହେଇ ପରିସଂଖ୍ୟାନ ନିମିତ୍ତ ଉତ୍ତମ ତଥ୍ୟ ଦେଇପାରୁଥିବା ସ୍ଥଳେ ବାସ୍ତବ କ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରିବାକୁ ଗଲେ ମାନସ ଝିଅଟିଏ କଥା ଚିନ୍ତା ମଧ୍ୟ କରୁନାହିଁ, ଅବଚେତନରେ କହୁଛି କେବଳ ପୁଅହିଁ ଯୋଗ୍ୟ ସେଥି ନିମିତ୍ତ ।

ଛୁଆଟିର ସମସ୍ତ ଆବଶ୍ୟକତାରେ ଜିଭ ଅଗରେ ମାଁ ବୋଲି ଆସେ, କିନ୍ତୁ ବୟସ ବୃଦ୍ଧି ହବା ସହ ନିଜର ବିକାର ମାନ ସେହି ମାଁ ର ପୂର୍ବାବସ୍ଥା ଯୁବତୀ ସହ ସମ୍ପାଦନ କରେ । କଥା ଏୟା ନୁହଁ ଯେ ସମସ୍ତେ ସେମିତି କିନ୍ତୁ ପୁରୁଷ ଜାତି ମଧ୍ୟରେ ଏହିଭଳି ବିକାର କାହିଁକି ରହୁଛି ? ପଶୁଟିଏ ମଧ୍ୟ ସାଥିର ଅନୁମତିବିନା ତା'କୁ ସ୍ପର୍ଶ କରେ ନାହିଁ କିନ୍ତୁ ମନୁଷ୍ୟ ଯେକୌଣସି କୌଶଳ ଆୟତ୍ତ କରିବାକୁ ପଛାଏ ନାହିଁ, ନିଜର ପାଶବିକ ପିପାସାକୁ ଚରିତାର୍ଥ କରିବା ନିମିତ୍ତ । ଆମ ସମାଜରେ ସବୁ ବିଷୟକ ଶିକ୍ଷା ଦିଆହେଉଛି, କିନ୍ତୁ ମନୁଷ୍ୟର ଫାନ୍ଦରେ ନପଡ଼ିବାର ଶିକ୍ଷା କେବେ ମଧ୍ୟ ଚିନ୍ତାକରାଯାଇନାହିଁ । ମୁଣ୍ଡରେ ହାତ ପାଇଲା ବେଳକୁ ନିଜେ ଦାର୍ଶନିକଟେ ହେଇଯାଇଥାଉଛି ମନୁଷ୍ୟ । ବିଦ୍ୟାଳୟ ଶିକ୍ଷା ସାରି ଯେବେ ମହିଳାଟିଏ ମହାବିଦ୍ୟାଳୟ ସ୍ତରକୁ ଯାଏ, ନତୁବା ପାଠସାରି ଚାକିରି କ୍ଷେତ୍ରରେ ଯାଏ, ସେହି ସମୟରେ ବାହାନା ମାନଙ୍କ ଫୁଆରା ତା'ଚାରିକଡ଼େ ଚକ୍ରବ୍ୟୁହ କରି ଥୋପାଯାଏ । ବହୁତ କମ୍ ସେଥିରୁ ନିସ୍ତାର ପାଇବାର ଜାଣନ୍ତି ।

ଯଦି ପରିବାରରୁ ଅଧିକାର ଦେଖିବା, ସମସ୍ତ ସ୍ଥାନରେ ନହେଲେ ମଧ୍ୟ କିଛି ସ୍ଥାନରେ ଝିଅଟିଏକୁ ପୁଅ ତୁଳନାରେ ନ୍ୟନ ଖାଦ୍ୟ ମିଳେ ନତୁବା ଅଳ୍ପ ମିଳେ । କେବେ କେବେ ସ୍ୱତନ୍ତ୍ର ଖାଦ୍ୟ କିଛି ମଧ୍ୟ ମିଳେ ନାହିଁ । ଝିଅଟା ତୁ, କ'ଣ ଖାଇ ମଞ୍ଜି ହବୁ ? ଭାଇଟା ଖାଇଲେ ସେ ଆଣ୍ଠ ହେଇ ଭଲ ଚାକିରି କରିବ ।

ଭାରତ ଏକ ଗ୍ରୀଷ୍ମ ପ୍ରଧାନ ଦେଶ ହେଇଥିବାରୁ ଏଠି ମହିଳାଙ୍କ ଯୌବନ ପ୍ରାପ୍ତିର ସୀମା ୧୦ ରୁ ୧୪ ବର୍ଷ ମଧ୍ୟରେ ହୁଏ । ଏହି ସମୟରେ ସେମାନଙ୍କ ସହ କ'ଣ ହେଉଛି ପ୍ରାୟତଃ ୮୦ ପ୍ରତିଶତ ଝିଅ ଜାଣିପାରନ୍ତି ନାହିଁ ଅବା ସେମାନଙ୍କ ପିତାମାତା ତାଙ୍କୁ ସେହି ବିଷୟରେ କହିବାକୁ ଶଙ୍କା କରନ୍ତି । ଯେଉଁ ଝିଅଟିକୁ ବାପା କାଖଉଥିଲେ, ସ୍ନେହ ଆଦର କରୁଥିଲେ, ମିଠା ମିଠା କଥା କହୁଥିଲେ ସେୟା କିଛିକାଂଶରେ କମିଯାଏ । ଏହିଯେଉଁ ଶୂନ୍ୟସ୍ଥାନ ଝିଅଟିଏର ଜୀବନରେ ସୃଷ୍ଟି ହୁଏ, ତାହା ସେ ବାହାରୁ ଖୋଜେ ନତୁବା ସେହି ମିଛ ଯତ୍ନର ବାହାନାରେ ତାଙ୍କ ମନକୁ କିଭଳି ନିୟନ୍ତ୍ରିତ କରାଯିବ ସେହି ବିଷୟରେ କିଛି ମୌଳବାଦି ସଂଗଠନ ନିଜର ଚାରମାମଙ୍କୁ ତାଲିମ ଦିଅନ୍ତି । କିଛି ପୁଅପିଲା ନିଜର ବରିଷ୍ଠ ସାଙ୍ଗ ମାନଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ସେହି କୌଶଳ ସବୁ କରାୟତ୍ତ କରନ୍ତି । ବିଶେଷତଃ ଭାରତରେ ତଥାକଥିତ ଉଚ୍ଚବର୍ଣ୍ଣ ସମ୍ପ୍ରଦାୟ ବିରୁଦ୍ଧରେ ଅପେକ୍ଷାକୃତ ନୀଚବର୍ଣ୍ଣର ଲୋକଙ୍କ ଏହିଭଳି ଏକ ଅଘୋଷିତ ଆନ୍ଦୋଳନ ଚାଲିଛି । ପୁଣି କିଛି ପୁଅପିଲା ଝିଅଟିଏକୁ ପ୍ରେମରେ ଫସେଇ କିଭଳି ନିଜର ବାସନା ଚରିତାର୍ଥ କରିସାରି ହାତଟେକି ଦିଅନ୍ତି ତାହାର ମଧ୍ୟ ଉଦାହରଣ କିଛି କମ୍ ନୁହଁ । ପ୍ରେମରେ ସଫଳ ହବା ଏକ କୌଶଳ । ତାହା ଜାଣିଥିବା ହୃଦୟଟେ ଅପରକୁ ଖିନଭିନ କରିପାରୁଥିବାସ୍ଥଳେ ଅନ୍ୟକାହାର ଗୁମୁରି ଗୁମୁରି କାନ୍ଦିବା ସାର ହୁଏ । ଆଉ ଆଜିକାଲି ବିବାହ ଅବିବାହିତ ବୟସ ବର୍ଗରେ ସମସ୍ତଙ୍କ ସହ ପ୍ରେମ ହେଇଉଠୁଛି । ହିନ୍ଦି ସିନେମା ଆମକୁ କହିଦେଇଛି, ଶାରିରୀକ ସମ୍ପର୍କ ହେଇଗଲେ ପ୍ରେମ ସଫଳ । ପ୍ରଥମେ ଝିଅ ଅବା ମହିଳାଙ୍କ ନିକଟ ସାଙ୍ଗ ସହ ମିତ୍ରତା ବଢାନ୍ତି । କିଛି ଦିନ କୁକୁର ଭଳି ନିରୀଖେଇ ଦେଖନ୍ତି । ଝିଅଟିଏ ସେୟା ବୁଝିବାକୁ କିଛିଦିନ ଲାଗେ । ଝିଅ ଯେଉଁଦିନରୁ ବୁଝିଯାଏ ତାର ଦୁଇ ତିନି ଦିନ ପରେ ଆଉ ଦୃଷ୍ଟି ଦିଆଯାଏ ନାହିଁ । ସେହି ଦୃଷ୍ଟିକୁ ଏମିତି ଆଉ ଜଣଙ୍କଠେ ପଜାଯାଏ, ଯାହା ସିଏ ଦେଖିପାରିବ । ଏହି ପରିସ୍ଥିତିରେ ଭାଉ ପରିବେଷଣ ହୁଏ ତେଣେ ଯେଉଁ ଲୋଲୁପ ଦୃଷ୍ଟି ଝିଅଟି ଦେଖୁଥିଲା, ତା'କୁ ସେ ଖୋଜିବାକୁ ଲାଗେ । ମନ ବିଚଳିତ ହୁଏ । ଆଉ ଏହି ପରିସ୍ଥିତିରେ ପୁଅପିଲା ମାନେ ଜାଣନ୍ତି କ'ଣ କରିବାକୁ ହେବ । ଲୁହା ଗରମ ଥିବା ସମୟରେ

ହିଁ କମାର ମାଡ଼ ଦେଇଦିଏ । ଏହି ପ୍ରକ୍ରିୟାରେ ବେଶ୍ କିଛିଦିନ ବାସନାକୁ ଚରିତାର୍ଥ କରି ଆରମ୍ଭ ହୁଏ ଝିଅଟିର ପ୍ରତିକଥାରେ ବଦ୍ ଗୁଣ ଖୋଜିବା । ଏମିତିରେ ବିରକ୍ତ ହେଇ ଝିଅଟି ନିଜଆଡୁ ବ୍ରେକ୍ ଅପ୍ କରେଇନିଏ । କିଛି ମିଛ ଲୁହ ଗଡ଼େଇ ପୁଅଟି ନିଜକୁ ସର୍ଦ୍ଦାର ଭାବେ । ଆଉ ଆଜିକାକିର ସମାଜ ଏଥିରୁ ନିବୃତ୍ତ ନାହିଁ । ପୁଣି କାର୍ଯ୍ୟାଳୟ ମାନଙ୍କରେ ମହିଳା କର୍ମଚାରୀଙ୍କୁ କିଛିକାଂଶରେ ଅଧିକ କର୍ମବୋଝ ଦିଆଯାଏ । ସେମାନଙ୍କ ଦକ୍ଷତା ତୁଳନାରେ ମଧ୍ୟ ଅଧିକ କାର୍ଯ୍ୟଭାର ପେଶଣ କରି ଉପରିସ୍ଥ କର୍ମଚାରୀଗଣ ସମର୍ପଣର ଭାବ ପରିପୋଷଣ କରନ୍ତି । ଏହିକ୍ଷେତ୍ରରେ ସରକାରଙ୍କ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନୀତି ମଧ୍ୟ ଫେଲ୍ ମାରୁଛି ।

ଏହା ପଶ୍ଚାତ୍ ସେମାନେ ଋତୁସ୍ରାବର ସମ୍ମୁଖୀନ ହୁଅନ୍ତି ଭିନ୍ନ କିଛି ଦ୍ରବ୍ୟ ବ୍ୟବାହର ନିମନ୍ତେ । ପରିଷ୍କାର ଏବଂ ପରିଛନ୍ନତାର ଆହ୍ୱାନ ବହୁତ ରହେ ଏହି ସମୟ ମାନଙ୍କରେ । ଷ୍ଟାଟ୍ ସ୍ ଅଫ ଇଣ୍ଡିଆର ତଥ୍ୟ ଅନୁସାରେ ଭାରତରେ ଆଜିମଧ୍ୟ ୧୫ ରୁ ୨୪ ବର୍ଷ ବୟସ୍କ ମହିଳା ବର୍ଗରେ ୫୦ ପ୍ରତିଶତ ସାନିଟାରି ନାପକିନ୍ ବ୍ୟବହାର କରନ୍ତି ନାହିଁ । ଓଡ଼ିଶାରେ ଏହି ହାର ୪୨.୮ ପ୍ରତିଶତ । ଉତ୍ତର ପ୍ରଦେଶରେ ଏହି ହାର ୬୯.୪ ପ୍ରତିଶତ । ପୂର୍ବରୁ ଯଦିଓ କପଡ଼ା ବ୍ୟବହାରର ପ୍ରଥା ରହିଆସିଥିଲା କିନ୍ତୁ ପରିଛନ୍ନତାର ଅଭାବ ନଥିଲା । ୱାଟର ଏଡ୍ ନାମକ ବୈଶ୍ୱିକ ସଂସ୍ଥାର ଆକଳନ ଅନୁସାରେ ବିଶ୍ୱରେ ପ୍ରାୟତଃ ୮ ଲକ୍ଷ ମହିଳାଙ୍କ ମୃତ୍ୟୁ ଋତୁସ୍ରାବ ସମୟରେ ପରିଛନ୍ନତାର ଅଭାବ ଯୋଗୁଁ ହୁଏ । ଭାରତରେ ୨୩ ଲକ୍ଷ ଝିଅଙ୍କ ପାଠପଢା ଋତୁସ୍ରାବ ସମୟରେ ସାଧନ ଅଭାବ ଯୋଗୁଁ ହୁଏ ବୋଲି ମୁମ୍ବାଇର ଦସ୍ତା ନାମକ ସ୍ୱେଚ୍ଛାସେବୀ ସଂସ୍ଥାର ଆକଳନ କହୁଛି । ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ' ଅସ୍ମିତା ଯୋଜନା', ରାଜସ୍ଥାନର' ଉଡ଼ାନ', ଆନ୍ଧ୍ରପ୍ରଦେଶର 'ସ୍ୱେଚ୍ଛା', କେରଳର ସି ପ୍ୟାଡ୍, ଓଡିଶାର ଖୁସୀ ', ଛତିଶଗଡର ସୁଚିତା' ଏବଂ ସିକ୍ଲିମ୍‌ର' ବାହିନୀ' ଯୋଜନାରେ କିଶୋରୀ ମାନଙ୍କୁ ରିହାତି କିମ୍ବା ମାଗଣା ସାନିଟାରୀ ନାପକିନ୍ ବଣ୍ଟନ କରିବାର ବ୍ୟବସ୍ଥା ରହିଛି । ଝିଅମାନେ ସାନିଟାରୀ ନାପକିନ୍ ପାଇଁ ସ୍ଥାୟୀ ବିକଳ୍ପ ଭାବରେ କେରଳ ଏବଂ କର୍ଣ୍ଣାଟକ ସରକାର ଋତୁସ୍ରାବ କପ୍ ବଣ୍ଟନ କରୁଛନ୍ତି । କିନ୍ତୁ ଏଥିରେ ଘୋଟାଲାର ପରିମାଣ ମଧ୍ୟ କମଂ ହେଉନାହିଁ । ଏହିସମୟରେ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା କେବଳ ଜଣେ ଝିଅର କର୍ତ୍ତବ୍ୟ ନୁହଁ । ପୁଅଟିଏ ମଧ୍ୟ ସେହି ବିଷୟରେ ଉପଯୁକ୍ତ ସଚେତନ ହେବା ବିଧେୟ । ପରିବାରର ସଦସ୍ୟ ଗଣ ଉତ୍ତମ ପରିବେଶ ତଥା ପରିସ୍ଥିତି ଗଠନ ଦିଗରେ ମନୋନିବେଶ କରିବାକଥା ।

ଭାରତୀୟ ସମାଜ କଥାଯଦି ଦେଖିବା ବିଶ୍ୱରେ ସମସ୍ତ ଦେଶର ମହିଳାଙ୍କ ତୁଳନାରେ ଭାରତୀୟ ମହିଳା ସବୁଠୁ ବେଶି ସମ୍ମାନ ପା'ନ୍ତି । ସ୍ୱାମୀ ସ୍ତ୍ରୀ ସଂସ୍କୃତିରେ ଭାରତୀୟ ସମାଜ ଆଜିବି ଗର୍ବକରେ । କିନ୍ତୁ ଯେବେ ସ୍ୱାମୀର ଅକାଳ ଅବା କାଳ ମୃତ୍ୟୁ ହେଇଯାଏ ସେହି ସମୟରେ କ'ଣ ତାକୁ ବିଧବା ବେଶରେ ସଜେଇବା ନିହାତି ଦରକାର ? ତାଙ୍କ ଖାଇବା ବ୍ୟବହାରକୁ ବଦଳେଇବା ନିହାତି ଆବଶ୍ୟକ କି ? ସଂସ୍କାର ସବୁବେଳେ ସମୟ ଦେଇହୁଏ, ଆଉ ଏହାର ମୂଳରେ ଥାଏ ସଚେତନତା । ଭାରତୀୟ ସମାଜରେ ଯଦିଓ ବିକାର କିଛି ଦେଖାଦିଏ କିନ୍ତୁ ମାଟିରେ ପ୍ରତିମା ନିର୍ମାଣ କରି ସେଥିରେ ପ୍ରାଣପ୍ରତିଷ୍ଠା କରି ଦେବୀ ଦୁର୍ଗାଙ୍କୁ ଆଜିବି ପ୍ରତିବର୍ଷ ପୂଜାକରେ ଭାରତୀତ ମାନସ । ଯତ୍ର ନାର୍ଯ୍ୟାସୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାର ସ୍ଲୋଗାନ୍ ଆଜିବି ଭାରତୀୟଙ୍କୁ ପ୍ରଭାବିତ କରୁଅଛି ପ୍ରତିକ୍ଷଣରେ । ନାରୀଙ୍କ ପାଇଁ ଅତ୍ୟାଚାର ସହି କିଛିସ୍ଥାନରେ ପରିବାର ଭାଙ୍ଗିଯିବାର ଉଦାହରଣ ମଧ୍ୟ ଅନେକ ଆସୁଛି, କିନ୍ତୁ ବ୍ୟାପକ ମାନସିକ ସଚେତନତାରେ ସବୁ ସମ୍ଭବ । ଯେଉଁଦେଶର ମହିଳାଟିଏ ଦେଶର ସର୍ବୋଚ୍ଚ ପଦବୀ ମଣ୍ଡନ କରିପାରୁଛି, ପାଇଲଟ୍ ହେଇ ବିମାନ ଉଡ଼େଇ ପାରୁଛି ତଥା ବୈଜ୍ଞାନିକଟେ ସାହି କୌଶଳ ବଢେଇ ଦେଇପାରୁଛି, ସେହି ଦେଶରେ କିଛି ଅସମ୍ଭବ ନୁହଁ । ନାରୀଙ୍କୁ ସମ୍ମାନ ତଥା ଉପଯୁକ୍ତ ସୁସଂହତ କରିବା ଆଜି ଦିବସର ଶପଥ ।

ଝିଅ ପିଲାଟିର ସ୍ୱପ୍ନ କ'ଣ

ବିଶ୍ୱନାଥ କର

ଝିଅ ପିଲାଟିର ସ୍ୱପ୍ନ କ'ଣ
ମେଞ୍ଚାଏ ଲୁହର ଅନ୍ତରଙ୍ଗ ପଣ
ମୁକ୍ତ ବିହଙ୍ଗର ରଙ୍ଗମଖା ଯନ୍ତ୍ରଣା
ଉଡୁରି ଆସୁଥିବା ମଲାଜହ୍ନର ହସ ଚାରିପାଖେ
ଘୁରୁଥିବା ତା ସମୁଦାୟ ପୃଥିବୀ ।

ସ୍ୱପ୍ନ କ'ଣ ଝିଅ ପିଲାଟିର
ସୁଖ କ'ଣ ଦୁଃଖ କ'ଣ
ମାନ କ'ଣ ସମ୍ମାନ କ'ଣ
ନିଜର ବିସ୍ମୃତି କେବଳ
ସାରାଦିନର ଡହ ଡହ ଜଞ୍ଜାଳ
ମରିଚିକା ପିଇ ପିଇ ବହ୍ନିଶିଖାରେ ଚାଲୁଥିବା
ପରିଚୟର ଦୁର୍ବଳ ଡୋରିରେ ବନ୍ଧା
ଛନ୍ଦା ଛନ୍ଦି ମେଞ୍ଚାଏ ଆସ୍ଥାହୀନ ଜୀବନ ।

ଫୁଙ୍ଗୁଳା ବୁଲେ ତାର ରାତି ସପନଟା
ଖୋଲା ଆଖିର ସପନରେ
ନିଆଁ ଓ ପାଣିର ମିତ୍ରତାରେ
ଟକ୍ ଟକ୍ ଫୁଟୁଥିବା ଭାତ ହାଣ୍ଡିରେ
ଚାରିକାନ୍ଥ ଭିତରର ଅଣନିଃଶ୍ୱାସୀ
ଜୀବନରେ ।

ଝିଅଟିର କ'ଣ ଘର ବୋଲି କିଛି ଅଛି
ସେ ଜାଣେ ସେ ଘର ତା'ର ନୁହେଁ
ଯେଉଁଠି ସେ ଜନ୍ମ ନେଇଛି
ସେ ଆକାଶ ତାର ନୁହେଁ
ଯାହା ତାର ମୁଣ୍ଡକୁ ଅନବରତ ଢାଙ୍କି ରଖିଛି
ସେ ମାଟି ତା'ର ନୁହେଁ
ଯାହା ତା ପାଦକୁ ଦୃଢ କରିଛି ।

ନିଜ ଇଚ୍ଛାର ନିର୍ବାସନରେ
ସେ ତ ଅନବରତ ଜଳେ
ଜହ୍ନର ଜୁଇରେ
ହାତ ଟେକି ସମର୍ପଣ କରିନିଏ
ମଧୁର ଯନ୍ତ୍ରଣାର ନିଆଁରେ ।

ମିଛ କଥା
ଝିଅ ଟିଏ କାଳେ ଘରକୁ ସୁନ୍ଦର
ମିଛ କଥା
ବହୂ କାଳେ ଲକ୍ଷୀ କାହା ଘରର
ଛୁଇଁ ଦେଲେ ସୁନା ସୁନା ହୋଇଯାଏ
କାହା ଭଙ୍ଗା ସଂସାର
ସହନ ଶୀଳତାର ମଧୁର ଧୈର୍ଯ୍ୟରେ ।

ମାଟି କେବେ କହିପାରେନା
ମନ ଖୋଲି ନିଜ କଥା
ମାଟି କେବେ ବୁଝେଇପାରେନା
ପାଟି ଖୋଲି ନିଜ ବ୍ୟଥା,
ମାପିବ ବା କିଏ
ଅମାପ ତା ସହନଶୀଳତା
ଅମୂଲ ତା ପ୍ରେମମୟତା
ମାପିବ ବା କିଏ
ତା ରକ୍ତଭିଜା ହୃତପିଣ୍ଡର ଓଜନ ।

ଝିଅଟିର ବା ସ୍ୱପ୍ନ କ'ଣ
କେବଳ ସନ୍ତୁଷ୍ଟ ହେବାକୁ ପଡେ
ମିଛ ଉପତ୍ୟକତାରେ ମିଛ ବାହନାରେ
ସେ ଜନନୀ,ଭଗିନୀ,ଜାୟା
ମାଟିଠୁ ଆହୁରି ସହନଶୀଳା
ଆକାଶଠୁ ଆହୁରି ଉଦାର ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ୭୫୩୦୦୮
ମୋ: ୯୭୭୬୩୩୨୬୩୯

ଜାଗର

କବିତା ପଣ୍ଡା

ଚାହିଁ ଛନ୍ତି କେତେ ମୁନି ଋଷି ଜନ
ଆକୁଳେ ଆବେଗେ ରହି ।

ବରଷକେ ଥରେ ଆସିଛି ଜାଗର
ଦୁଃଖ ନେବେ ଶିବ ବାହି ।

କୈଳାସ ନିବାସୀ ପାର୍ବତୀ ପତି
ଉଭା ହେବେ ମର୍ତ୍ତେ ଧାମେ ।
ଚର୍ତୁଦିଗ ଶୁଭେ ଜୟ ଜୟ କାର
ପ୍ରଭୁ ଙ୍କର ଗୁଣ ଗାନେ ।

ଭୋଳା ମହେଶ୍ୱର ହେ ଶିବ ଶଙ୍କର
ତ୍ରିଶୂଳ ଡମ୍ବୁରୁ ଧାରୀ ।

ମନ ପ୍ରାଣ ଦେଇ ଉଜାଗର ରହି
ଭକତ କରେ ଗୁହାରି ।
ଦୁଦୁରା କଇଷ ଅରଖ ଫୁଲରେ
ସରାଗେ ଗୋନ୍ଥିଛି ମାଳ ।

ଦେଖା ଦିଅ ଥରେ ରାତ୍ରି ନିଶି କାଳେ
ପଡ଼େ ଶରଣ ପାଦ ତଳ ।

ଗ୍ରହ ରିଷ୍ଟ କାରୀ ନିଳ କଣ୍ଠଧାରୀ
ତ୍ରିନେତ୍ର ଗୌରୀ ସ୍ୱାମୀ ।

କଳିରୁ କରାଳୁ ପାରି କର ତୁମେ
ସାଜି ସଭିଙ୍କ ପଥ ଗାମୀ ।

ମଙ୍ଗଳ ପୁର,ସୋର
ବାଲେଶ୍ୱର

ମହାଦେବ ଓ ମହାଶିବରାତ୍ରୀ

ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର
ପ୍ରଜ୍ଞାନୀଡ଼ (ବସନ୍ତ ବିହାର)
ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪

ପର୍ବପର୍ବାଣୀ ବା ଓଷାବ୍ରତ ଆମ ସଂସ୍କୃତିର ଏକ ବିଶିଷ୍ଟ ବିଭବ ହୋଇଥିବାରୁ ଶୈବ ସଂସ୍କୃତିକୁ ଭିତିକରି କେତୋଟି ପର୍ବ ପାଳିତ ହୁଏ । ଦେବତା ମାନଙ୍କ ମଧ୍ୟରେ ଯେ ଶ୍ରେଷ୍ଠ ସେହି ହିଁ 'ମହାଦେବ' । ଦେବମାନେ ଏହି ପରମତତ୍ତ୍ୱକୁ ଅବ୍ୟକ୍ତ ଅଜନ୍ମା ବିଶ୍ୱର ସ୍ରଷ୍ଟା, ପାଳକ ଓ ସଂହାରକ କହି ଗୁଣଗାନ କରିଛନ୍ତି । ଶିବ ଅର୍ଥ କଲ୍ୟାଣ ସ୍ୱରୂପ । ସେ କଲ୍ୟାଣ ପ୍ରଦାତା ପରଂବ୍ରହ୍ମ । ସେ ସମସ୍ତଙ୍କ ପାଇଁ ପୁଣି ମୁଖ୍ୟତଃ ଭକ୍ତମାନଙ୍କ ପାଇଁ ପରମ ମଙ୍ଗଳମୟ, ପରମ କଲ୍ୟାଣକାରୀ, ସର୍ବ ସିଦ୍ଧିଦାୟକ ଓ ସର୍ବଶ୍ରେୟସ୍କର । ଶାସ୍ତ୍ର କାରଙ୍କ ମତରେ କେବଳ ଭକ୍ତ ନୁହଁନ୍ତି ଏପରିକି ବ୍ରହ୍ମା-ବିଷ୍ଣୁ ବି ତାଙ୍କ ଉପାସନାରେ ଲୀନ ରହନ୍ତି । ଭଗବାନ ଶ୍ରୀରାମ ଓ ଅବତାରୀ ଶ୍ରୀକୃଷ୍ଣଙ୍କ ପାଇଁ ବି 'ଶିବ' ହେଉଛନ୍ତି ପରମାରଧ ଦେବତା ।

ଉପନିଷଦ କହେ- ସର୍ବ ଶକ୍ତିମାନ, ପରମହୃଦୟ, ପରମେଶ୍ୱରଙ୍କୁ ଯେଉଁ ଧୀର ବ୍ୟକ୍ତି ନିରନ୍ତର ଦେଖୁ ଥାଆନ୍ତି ତାହାଙ୍କୁ ହିଁ ନିତ୍ୟ ସୁଖ ପ୍ରାପ୍ତ ହୋଇଥାଏ । ଅନ୍ୟମାନଙ୍କୁ ନୁହେଁ ସେ ଈଶ୍ୱରଙ୍କର ଈଶ୍ୱର, ଦେବତାଙ୍କର ଦେବତା ଏବଂ ସବୁ ପତିଙ୍କର ପତି । ସେ ହିଁ ଭୁବନେଶ ପୁଣି ମହର୍ଷି, ମନୁ ଏହାଙ୍କୁ ଏକାକ୍ଷର ବ୍ରହ୍ମ 'ଓଁ' ବୋଲି ବି କହିଛନ୍ତି । ଶାସ୍ତ୍ରରେ କୁହାଯାଇଛି ଭଗବାନ ବିଷ୍ଣୁ ଲକ୍ଷ୍ମୀଙ୍କ ସହିତ ଶିବ ପୂଜନ କରି ଅତି ତେଜ ଓ ବୀର୍ଯ୍ୟ ହାସଲ କରିଥିଲେ । ପୁଣି ବ୍ରହ୍ମା ଆଦି ଦେବତା ଗଣ ହିଁ ଶିବଙ୍କର ବା ଶିବ ମହିମାର ପ୍ରଚାରକ ।

'ରାମାୟଣ'ର ସମସ୍ତ ପାତ୍ର ଶିବଙ୍କ ଆରାଧନା କରନ୍ତି । ଶ୍ରୀରାମ ଚନ୍ଦ୍ର ଅନୁଜ ଶତ୍ରୁଘ୍ନଙ୍କୁ କହିଛନ୍ତି - ମୁଁ ମହେଶଙ୍କ ରେଶରଜକୁ ଧାରଣ କରୁ ଅଛି । ମହାଭାରତରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶିବ ପୂଜନର ବର୍ଣ୍ଣନା ଦେଖିବାକୁ ମିଳେ । ବ୍ରହ୍ମବୈବର୍ତ ପୁରାଣରେ ଶ୍ରୀକୃଷ୍ଣ ରାଧାଙ୍କୁ ଶିବଙ୍କ ମହତ୍ୱ ସମ୍ପର୍କରେ ବୁଝାଇବାକୁ ଯାଇ କହିଛନ୍ତି - ଯେ ମହାଦେବଙ୍କୁ ସ୍ମରଣ କରେ ମୁଁ ସେହି ନାମ ଶ୍ରବଣ ପାଇଁ ପ୍ରଲୋଭିତ ହୋଇ ସେହି ବ୍ୟକ୍ତିର ପଛେ ପଛେ ହିଁ ଯାଇଥାଏ । ଶ୍ରୀମଦ୍ଭାଗବତରେ- ଭଗବାନ ରୁଦ୍ରଙ୍କୁ ଜଗଦୀଶ୍ୱର ତଥା ଶିବ ପୂଜକଙ୍କୁ ଶ୍ରେଷ୍ଠ ଭକ୍ତବୋଲି କୁହାଯାଇଛି । ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ତୁମ (ଶିବ) ବିନା ଅନ୍ୟ କେହି ବରେଣ୍ୟ, ମାନ୍ୟ କିମ୍ବା ଗଣ୍ୟ ନୁହଁନ୍ତି । 'ପୁଷ୍ପଦନ୍ତ' ବି ସ୍ତୁତି କରି କହିଛନ୍ତି - ଯେପରି ଅନେକ ନଦୀର ଜଳ ଭିନ୍ନ ଭିନ୍ନ ମାର୍ଗ ଦେଇ ସମୁଦ୍ରରେ ଆସି ପତିତ ହୋଇଛନ୍ତି, ଠିକ୍ ସେହିପରି ଆପଣ (ଶିବ) ହିଁ ସମସ୍ତଙ୍କର ପ୍ରାପ୍ୟ । ଶରୀର ଶୁଦ୍ଧ ଓ ମନକୁ ନିର୍ମଳ କରି ଐକାନ୍ତିକ ବିଶ୍ୱାସ ଓ ନିଷ୍ଠାର ସହ ପୂଜା, ଉପବାସ ଓ ଆରାଧନା କରିବା ଦ୍ୱାରା ମନୁଷ୍ୟ ପରମ ସନ୍ତୋଷ ଲାଭ କରିଥାଏ । ପୁଣି ଦୈବିଶକ୍ତି ବି ପ୍ରାପ୍ତ ହୋଇଥାଏ । ବିଶ୍ୱବାସୀଙ୍କୁ ନିରହଂକାର ଏବଂ ସଂଯମ ଶିକ୍ଷା ଦେବା ପାଇଁ ଶିବଙ୍କର ଏଭଳି ରୂପ, ଏଭଳି ଗୁଣ ଓ ସେ ଏପରି

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଲାଞ୍ଚ ପେଞ୍ଚ...

ଅନେକ ଭାରତୀୟ କାମ ହାସଲ କରିବା ପାଇଁ ଲାଞ୍ଚ ଦେଇଥାନ୍ତି- ଏକଥା ସମସ୍ତେ ଜାଣନ୍ତି। ଆଉ ମଣିଷ ଭାବରେ ସାଂସଦ ହୁଅନ୍ତୁ କି ବିଧାୟକ, ସେମାନେ ବି ଏଥିରୁ ବ୍ୟତିକ୍ରମ ନୁହନ୍ତି । ତେବେ ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଏକ ସାତଜଣିଆ ଖଣ୍ଡପୀଠ ସର୍ବସମ୍ମତ ଯୁଗାନ୍ତକାରୀ ରାୟ ପ୍ରଦାନ କରିଛନ୍ତି ଏଇ ବାବଦରେ ଯେ ଯେଉଁ ସଂସଦ ଏବଂ ବିଧାୟକମାନେ ସଦନରେ ଭୋଟ୍ ଦେବା ନିମନ୍ତେ ବା ବିବୃତି ଦେବା ନିମନ୍ତେ ଲାଞ୍ଚ ନେବେ, ସେମାନେ ଆଇନାନୁସାରେ ଦଣ୍ଡିତ ହେବାରୁ ରକ୍ଷା ପାଇ ପାରିବେ ନାହିଁ । ଏଥରେ କ୍ୱଚିତ୍ କେହି ଦ୍ୱିମତ ହେବେ ଯେ କୋର୍ଟଙ୍କର ଏହା ଏକ ସ୍ୱାଗତଯୋଗ୍ୟ ରାୟ, କାରଣ ଏହା ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଅନୈତିକ ଓ ଦାୟିତ୍ୱହୀନ କାର୍ଯ୍ୟ କରିବାକୁ ନିରୁତ୍ସାହିତ କରିବ। ତେବେ ଏହି ରାୟ ପ୍ରଶ୍ନଟିଏ ପଚରା ଯାଇ ପାରିବାର ଦ୍ୱାର ଖୋଲା ରଖୁଛି- ବ୍ୟବସ୍ଥାପିକାକୁ ଏଭଳି ଏକ ସ୍ଥାନ ଭାବରେ ରଖୁବାକୁ ସୁନିଶ୍ଚିତ କରିବା ନିମନ୍ତେ କେଉଁ ବ୍ୟବସ୍ଥା ଆପଣା ଯିବ ଯଦ୍ୱାରା ସେଠାରେ ସନ୍ନିଧାନ ଦ୍ୱାରା ଉଲ୍ଲେଖ କରାଯାଇଥିବା ଯେ କୌଣସି ଆଲୋଚନା ଅବାଧ ଏବଂ ନିର୍ଭୟରେ କରାଯାଇ ପାରିବ । କୋର୍ଟଙ୍କ ସାମ୍ପ୍ରତିକ ରାୟ ଜେଏମ୍‌ଏମ୍ ଲାଞ୍ଚ ମାମଲାରେ ୧୯୯୮ର ପାଞ୍ଚଜଣିଆ ଖଣ୍ଡପୀଠଙ୍କ ରାୟକୁ ରଦ୍ଦ କରି ଦେଇଛି ଯାହା ସ୍ଥିର କରିଥିଲା ଯେ ଏହି କାରଣରୁ ସାଂସଦ ଏବଂ ରାଜ୍ୟ ବ୍ୟବସ୍ଥାପିକାଗୁଡ଼ିକର ବିଧାୟକମାନେ ଦଣ୍ଡିତ ହେବାରୁ ରକ୍ଷା ପାଇବେ । ସମ୍ପୃକ୍ତ ରାୟ ସେ ସମୟରେ ପାଞ୍ଚ ଜଣ ଜେଏମ୍‌ଏମ୍ ସଦସ୍ୟଙ୍କ ସୁରକ୍ଷା ପ୍ରଦାନ କରିଥିଲା, ଯେଉଁମାନେ ଲାଞ୍ଚ ନେଇ ୧୯୯୩ରେ ପିଭି ନରସିଂହ ରାଓଙ୍କ ସଂଖ୍ୟାଲଘୁ ସରକାରକୁ ଏହା ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇ ରକ୍ଷା କରିଥିଲେ । ସେ ସମୟରେ କୋର୍ଟ ସନ୍ନିଧାନର ଧାରା ୧୦୫(୨) ଏବଂ ୧୯୪(୨) ଅନୁସାରେ ନିଷ୍ପତ୍ତି ନେଇଥିଲେ, ଯାହା ଉଲ୍ଲେଖ କରେ ଯେ ସଂସଦ ବା ରାଜ୍ୟ ବିଧାନସଭାମାନଙ୍କର କୌଣସି ସଦସ୍ୟ ଯଦି ଲାଞ୍ଚ ନେଇ ସଦନ ବା କମିଟିଙ୍କ ସମ୍ମୁଖରେ କିଛି କହିଛନ୍ତି ବା ଭୋଟ୍ ଦେଇଛନ୍ତି, ତା'ହେଲେ ସେଥ ?ପାଇଁ ତାଙ୍କ ବିରୁଦ୍ଧରେ କୌଣସି କୋର୍ଟରେ ମାମଲା ରୁଜୁ ହୋଇ ପାରିବ ନାହିଁ । ଏଥି ପାଇଁ କୋର୍ଟ ସେତେବେଳେ ଉପରୋକ୍ତ ଏମ୍ପାନଙ୍କ ବିରୁଦ୍ଧରେ ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଦ୍ୱାରା କରାଯାଇଥିବା ଏକ ଏଫ୍‌ଆଇଆରକୁ ମଧ୍ୟ ଖାରଜ କରି ଦେଇଥିଲେ। ତେବେ ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ପିଭି ନରସିଂହ ରାଓ ବନାମ ରାଷ୍ଟ୍ର (ସିବିଆଇ/ଏସ୍‌ପିଇ) (୧୯୯୮)ର ସଂଖ୍ୟାଗରିଷ୍ଠ ରାୟକୁ ରଦ୍ଦ କରି ଦେଇଛନ୍ତି। କୋର୍ଟଙ୍କ ସାତଜଣିଆ ଖଣ୍ଡପୀଠ ସଚ୍ଚୋଟତାକୁ ସଂସଦୀୟ କାର୍ଯ୍ୟର ମୁଖ୍ୟ ଦିଗ ଭାବରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ 'ଲାଞ୍ଚ କାରବାରକୁ ସଂସଦୀୟ ପରମ୍ପରା ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଏ ନାହିଁ ।' କୋର୍ଟଙ୍କର ଏହି ମନ୍ତବ୍ୟ ସହିତ କେହି ହେଲେ ଦ୍ୱିମତ ହୋଇ ପାରିବେ ନାହିଁ ଯେ ସଦସ୍ୟମାନଙ୍କ ଦ୍ୱାରା ଦୁର୍ନୀତି ଏବଂ ଲାଞ୍ଚ କାରବାର ଜନ ଜୀବନରେ ତଥା ଭାରତୀୟ ସଂସଦୀୟ ଗଣତନ୍ତ୍ରର ମୂଳଦୁଆରୁ ସଚ୍ଚୋଟତାର ଅବକ୍ଷୟ ଘଟାଇ ଥାଏ। ଏହା ମଧ୍ୟ ସତ୍ୟ ଯେ ଏଭଳି କାର୍ଯ୍ୟଗୁଡ଼ିକ 'ସନ୍ନିଧାନର ଅଭିଳାଷ ଏବଂ ବିଚାରଶୀଳ ଆଦର୍ଶ ପାଇଁ ଧ୍ୱଂସାବହ ତଥା ଏଭଳି ଏକ ରାଜନୀତି ସୃଷ୍ଟି କରିଥାଏ ଯାହା ନାଗରିକମାନଙ୍କୁ ଏକ ଦାୟିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ପ୍ରତିନିଧିମୂଳକ ଗଣତନ୍ତ୍ରରୁ ବଞ୍ଚିତ କରିଥାଏ।' ସାମ୍ପ୍ରତିକ ରାୟକୁ ସ୍ୱାଗତ କରିବା ବେଳେ ଜଣେ ଏକଥା ମଧ୍ୟ ଚିନ୍ତା କରି ପାରନ୍ତି ଯେ ସନ୍ନିଧାନର ଧାରା ୧୦୫ ଏବଂ ୧୯୪ 'ଏମିତି ଏକ ପରିବେଶକୁ ସ୍ଥାୟିତ୍ୱ ପ୍ରଦାନ କରିବାର ଉଦ୍ୟମ କରିଛି, ଯେଉଁଥରେ ବିତର୍କ ଏବଂ ବିବୃତି ବ୍ୟବସ୍ଥାପିକା ଭିତରେ ସଂଘଟିତ ହୋଇ ପାରିବ', ଯାହା କୋର୍ଟଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଛି । କୋର୍ଟଙ୍କ ମତ ଅନୁସାରେ, 'ଏହି ଉଦ୍ଦେଶ୍ୟ ସେତିକି ବେଳେ ନଷ୍ଟ ହୋଇଥାଏ, ଯେତେବେଳେ ଜଣେ ସଦସ୍ୟଙ୍କୁ ଲାଞ୍ଚ ନେଇଥିବା କାରଣରୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଭୋଟ୍ ଦେବାକୁ ବା କିଛି କହିବାକୁ ପ୍ରରୋଚିତ କରାଯାଇଥାଏ।' ଲୋକମାନଙ୍କ ସ୍ୱାର୍ଥ ବର୍ହିଭୂତ କାରକଗୁଡ଼ିକଦ୍ୱାରା ବିତର୍କଗୁଡ଼ିକ ଅପ୍ରଭାବିତ ହେବା ଉଚିତ। ଏହି ଉଦ୍ଦେଶ୍ୟରେ ବ୍ୟବସ୍ଥାପିକାଗୁଡ଼ିକ ଭିତରେ ବିବୃତି ଦେବା ପାଇଁ ସାନ୍ନିଧାନିକ ପ୍ରତିଷେଧକ ବ୍ୟବସ୍ଥା କରା ଯାଇଥିଲା । ମାତ୍ର ଅଳ୍ପ କେତୋଟି କ୍ଷେତ୍ରରେ ଏହାର ସମ୍ପୂର୍ଣ୍ଣ ଅପବ୍ୟବହାର ହୋଇଛି ବୋଲି ଏହାକୁ ମୂଳରୁ ଉଠାଇ ଦିଆଯିବା କ୍ୱଚିତ୍ ଏକ ଯଥାର୍ଥ କାରଣ ହୋଇ ପାରିବ; ଏହା ଗୋଟିଏ ଛୋଟ ପିଲାକୁ ଗାଧୁଆ କୁଣ୍ଡକୁ ଫିଙ୍ଗିଦେବା ସଦୃଶ ହେବ। ତେଣୁ ସାମଗ୍ରିକ ଭାବରେ, ଯେଉଁ ସଦସ୍ୟ ସରକାରଙ୍କର ବା ଏକ ସ୍ୱାର୍ଥ ଥିବା ଗୋଷ୍ଠୀ ସମ୍ପର୍କରେ ଗୁରୁତ୍ୱର ସହିତ ଯଦି କିଛି କହିବେ, ତାଙ୍କ ପାଇଁ କୌଣସି ପ୍ରତିଷେଧକ ବ୍ୟବସ୍ଥା ରହିବ ନାହିଁ ଏବଂ ସେ ଦଣ୍ଡିତ ହେବାର ସମ୍ଭାବନା ରହିବ। ନିର୍ବାଚିତ ସଂସ୍ଥାମାନଙ୍କରେ ବାକ୍ ସ୍ୱାଧୀନତା ଅପ୍ରଭାବିତ ହେବା ନେଇ ନିଶ୍ଚିତ କରିବାକୁ ବ୍ୟବସ୍ଥାପିକା କିଛି ବିକଳ୍ପ ବାହାର କରିବା ଉଚିତ ହୋଇଥିବା ବେଳେ ଯେଉଁମାନେ ଏହାର ଅପବ୍ୟବହାର କରିବେ, ସେମାନେ ଯେପରି ଦଣ୍ଡିତ ହୋଇ ପାରିବେ, ତା' ଉପରେ ମଧ୍ୟ ଗୁରୁତ୍ୱ ଦେବା ବିଧେୟ । ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଏକ ଦୁଇ ପଟେ ଧାର ଥିବା ଖଣ୍ଡା ହେବା କଦାଚିତ୍ ସ୍ମରଣୀୟ, ଯାହା ପ୍ରତିନିଧିମୂଳକ ଗଣତନ୍ତ୍ରର ଅତ୍ୟାବଶ୍ୟକ କାର୍ଯ୍ୟଗୁଡ଼ିକ ମୂଳରେ ଆଘାତ କରିବ।

ମହା ଶିବରାତ୍ରୀ...

ରାମଚନ୍ଦ୍ର ବେହେରା

ମହା ଶିବରୀତ୍ରୀ ଶୁଭ ଆଗମନେ
ଶୈବପୀଠ ଆଜି ଲୋକାରଣ୍ୟ
ପ୍ରଭୁ ମହେଶଂକ ଭବ୍ୟ ଦର୍ଶନାର୍ଥେ
ଉଲ୍ଲସିତ ଆଜି ଭକ୍ତ ମନ।
ଅନେକ ପାଳିବେ ଏ ମହା ପର୍ବକୁ
ରଖି ଉପବାସ ପୁରା ଦିନ
ମନ୍ଦିର ପ୍ରାଂଗଣେ ପ୍ରଦୀପ ଜାଳିବେ
ଶିବ ନାମ କରି ଉଚ୍ଚାରଣ।
ଶିବରାତ୍ରୀ ଦିନ ସତ୍ୟନିଷ୍ଠ ଚିତ୍ତେ
ଯେ କରେ ଶିବଂକୁ ଜଳଦାନ
ଅଙ୍କନତା ତା'ର ଦୂରାନ୍ତି ମହେଶ
ଖୁସିରେ ବିତଇ ତା'ଜୀବନ।
ନିଶାର୍ଦ୍ଧ ମୁହୂର୍ତ୍ତେ ମହାଦୀପ ଉଠେ
ଧର୍ମ ସଂସାରର ଶାନ୍ତି ପାଇଁ
ଶଂଖ ହୁଳହୁଳି ଘଣ୍ଟ ଘଣ୍ଟି ସ୍ୱନେ
ଶ୍ରଦ୍ଧାଭାବ ମନେ ଉଠେ ଚେଇଁ।
କୋପେ ବର ଅବା ତପେ ବର ପ୍ରଭୁ
ଆଶିଷ ଢାଳନ୍ତି ମନ ଜାଣି
ତ୍ରିଶୂଳ ଡମ୍ବରୁ ହସ୍ତେ ଶୋହେ ତାଂକ
ମସ୍ତକରୁ ଗଂଗା ପଡେ ଝରି।
ଶିବଂକ ଆଶିଷେ ଋଷି ମାର୍କଣ୍ଡେୟ
ଫେରି ପାଇଥିଲେ ପୁନର୍ଜନ୍ମ
ଶିବ ନାମ ଜପି ଅମର ହୋଇଲେ
ଯୁଗ ଯୁଗ ପାଇଁ ହେଲେ ଧନ୍ୟ।
ମହା ଶିବରାତ୍ରୀ ଶୁଭ ଅବସରେ
ଶଶୀଶେଖରଂକୁ ମୋ ଗୁହାରି
ସତ୍ୟ ନ୍ୟାୟ ଧର୍ମ ଆଦରନ୍ତୁ ଜନେ
ଭକ୍ତିଭାବ ଯାଉ ପ୍ରାଣେ ଭରି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ମହାଶିବ ରାତ୍ରୀ ଓ ରୁଦ୍ରାକ୍ଷ

ଦେବରାଜ ପଟ୍ଟନାୟକ

ଜୀବନରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ। ତେବେ ମହାଶିବରାତ୍ରୀର ଭିନ୍ନ ମହତ୍ତ୍ୱ ରହିଛି। ପ୍ରତ୍ୟେକ ମାସର କୃଷ୍ଣ ପକ୍ଷରେ ଚତୁର୍ଦ୍ଦଶୀ କିମ୍ବା ଅମାବାସ୍ୟାର ପୂର୍ବଦିନ ଶିବରାତ୍ରୀ ପାଳନ କରାଯାଇଥାଏ। ତେବେ ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ଏହି ରାତ୍ରୀରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଏଭଳି ଏକ ସ୍ଥିତିରେ ଥାଏ ଯେତେବେଳେ ମାନବ ଶରୀର ପ୍ରାକୃତିକ ରୂପରେ ଶକ୍ତି ସମ୍ପନ୍ନ ରହିଥାଏ। ଏହା ଏଭଳି ଏକ ଦିନ ଯେତେବେଳେ ପ୍ରକୃତି ବ୍ୟକ୍ତିକୁ ଆଧ୍ୟାତ୍ମିକତାର ଶୀର୍ଷକୁ ନେଇ ଯାଇଥାଏ। ଏହାର ଉପଯୋଗ କରିବାକୁ ମହାଶିବରାତ୍ରୀ ପରମ୍ପରାର ଆୟୋଜନ କରାଯାଇଥାଏ। ମହାଶିବରାତ୍ରୀ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତି ଠାରୁ ବିଶେଷ ଶକ୍ତି ଆହରଣ କରି ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ କରିବା। ଆଧ୍ୟାତ୍ମିକ ମାର୍ଗରେ ଥିବା ଲୋକଙ୍କ ପାଇଁ ଶିବରାତ୍ରୀ ବିଶେଷ ମହତ୍ତ୍ୱପୂର୍ଣ୍ଣ। ଯୋଗ ପରମ୍ପରାରେ ଶିବଙ୍କ ପୂଜା ଈଶ୍ୱରଙ୍କ ରୂପରେ ନୁହେଁ, ବରଂ ଆଦି ଗୁରୁଙ୍କ ରୂପରେ ପୂଜା କରାଯାଇଥାଏ। ଶିବ ହେଉଛନ୍ତି ପ୍ରଥମ ଗୁରୁ, ଯାହାଙ୍କ ଠାରୁ ଜ୍ଞାନର ଉତ୍ପତ୍ତି ହୋଇଛି। ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଧ୍ୟାନରେ ବସିବା ପରେ ଭଗବାନ ଶିବ ଦିନେ ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଇଥିଲେ। ସେ ଦିନ ଥିଲା ମହାଶିବରାତ୍ରୀ। ତାଙ୍କ ଭିତରେ କୌଣସି ଗତି ନଥିଲା, ସେ ସମ୍ପୂର୍ଣ୍ଣ ନିଶ୍ଚଳ ଥିଲେ। ସେଥିପାଇଁ ମହାଶିବରାତ୍ରୀକୁ ନିଶ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ। ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ।

ରୁଦ୍ରାକ୍ଷର ପୂଜା ଏବଂ ଏହାକୁ ପବିତ୍ର ହୋଇ ଧାରଣା କରିବାର ଦ୍ୱାରା ମନୁଷ୍ୟ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଏକମୁଖୀ ରୁଦ୍ରାକ୍ଷ ଭଗବାନ ଶିବ, ଦ୍ୱୀମୁଖୀ ରୁଦ୍ରାକ୍ଷ ଗୌରୀ ଶଙ୍କର, ତ୍ରିମୁଖୀ ରୁଦ୍ରାକ୍ଷ ତେଜମୟ ଅଗ୍ନି, ଚର୍ତୁମୁଖୀ ରୁଦ୍ରାକ୍ଷ ଶ୍ରୀପଞ୍ଚଦେବ, ଷଷ୍ଠମୁଖୀ ରୁଦ୍ରାକ୍ଷ ଭଗବାନ କାର୍ତ୍ତିକେୟ, ସପ୍ତମୁଖୀ ପ୍ରଭୁ ଅନନ୍ତ, ଅଷ୍ଟମୁଖୀ ଭଗବାନ ଶ୍ରୀଗଣେଶ, ନବମୁଖୀ ରୁଦ୍ରାକ୍ଷ ଭଗବତୀ ଦେବୀ ଦୁର୍ଗା, ଦଶମୁଖୀ ରୁଦ୍ରାକ୍ଷ ଶ୍ରୀହରିବିଷ୍ଣୁ, ୧୩ ମୁଖୀ ରୁଦ୍ରାକ୍ଷ ଶ୍ରୀଇନ୍ଦ୍ର ତଥା ୧୪ମୁଖୀ ରୁଦ୍ରାକ୍ଷ ସ୍ୱୟଂ ହନୁମାନଙ୍କ ପ୍ରତୀକ ହୋଇଥାଏ। ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଭିନ୍ନ ପ୍ରଭାବ ରହିଛି। ଯେପରିକି ଏକମୁଖୀ ରୁଦ୍ରାକ୍ଷ ସୁଖ, ମୋକ୍ଷ ଏବଂ ଉନ୍ନତି ପ୍ରଦାନ କରିଥାଏ। ଦ୍ୱିମୁଖୀ ରୁଦ୍ରାକ୍ଷ ସମସ୍ତ କାମନା ପୂରଣ କରି ଦାମ୍ପତ୍ୟ ଜୀବନକୁ ସୁଖ, ଶାନ୍ତି ଏବଂ ତେଜ ପ୍ରଦାନ କରିଥାଏ। ତ୍ରିମୁଖୀ ରୁଦ୍ରାକ୍ଷ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ। ଚର୍ତୁମୁଖୀ ରୁଦ୍ରାକ୍ଷ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରଦାନ କରିଥାଏ। ପଞ୍ଚମୁଖୀ ରୁଦ୍ରାକ୍ଷ ସୁଖ ପ୍ରଦାନ କରିଥାଏ। ଷଷ୍ଠମୁଖୀ ରୁଦ୍ରାକ୍ଷ ପାପରୁ ମୁକ୍ତି ଦେଇଥାଏ ଓ ସନ୍ତାନ ସୁଖ ପ୍ରଦାନ କରିଥାଏ। ସପ୍ତମୁଖୀ ରୁଦ୍ରାକ୍ଷ ଦରିଦ୍ରତା ଦୂର କରିଥାଏ। ଅଷ୍ଟମୁଖୀ ରୁଦ୍ରାକ୍ଷ ଆୟୁ ଏବଂ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଏ। ନବମୁଖୀ ରୁଦ୍ରାକ୍ଷ ମୃତ୍ୟୁର ଡରରୁ ମୁକ୍ତ କରିଥାଏ। ଦଶମୁଖୀ ରୁଦ୍ରାକ୍ଷ ଶାନ୍ତି ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ। ୧୧ମୁଖୀ ରୁଦ୍ରାକ୍ଷ ରୁଦ୍ରାକ୍ଷ ବିଜୟ ପ୍ରଦାନ କରିଥାଏ। ଜ୍ଞାନ ଏବଂ ଭକ୍ତି ପ୍ରଦାନ କରିଥାଏ। ୧୨ମୁଖୀ ରୁଦ୍ରାକ୍ଷ ଧନଲାଭ କରାଏ। ୧୩ ମୁଖୀ ରୁଦ୍ରାକ୍ଷ ଶୁଭ ଏବଂ ଲାଭ ପ୍ରଦାନ କରିଥାଏ। ୧୪ମୁଖୀ

ରୁଦ୍ରାକ୍ଷ ରୁଦ୍ରାକ୍ଷ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପ୍ରଦାନ କରିଥାଏ।

ଶିବ ଭଗବାନ ନୁହନ୍ତି; ସେ ଆଦି ଗୁରୁ। ପ୍ରଥମ ଗୁରୁ, ଯାହାଙ୍କଠାରୁ ସମସ୍ତ ଜ୍ଞାନର ଉତ୍ପତ୍ତି। ହଜାର ହଜାର ବର୍ଷ ଧରି ଧ୍ୟାନସ୍ଥ ରହିବା ପରେ ଦିନେ ସେ ସ୍ଥିର ହୋଇଗଲେ ଏବଂ ସେହି ଦିନଟି ଥିଲା ମହାଶିବରାତ୍ରୀ। ଯୋଗ ପରମ୍ପରାରେ ଏହି ରାତିକୁ ଏତେ ଗୁରୁତ୍ୱ ଦେବାର କାରଣ, ଏହା ମାଧ୍ୟମରେ ଆଧ୍ୟାତ୍ମିକତାର ଚରମ ସୋପାନରେ ପହଞ୍ଚିବାର ସମ୍ଭାବନା। ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ। ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ୍ୟ। ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

ଷ୍ଟିଓ୍ୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,
ମିଶନ ରୋଡ଼, ବକ୍ସି ବଜାର, କଟକ,
ମୋ: ୯୮୬୧୧୮୭୨୧୨

ମା, ମାଟି ଓ ମିଲେଟ୍

ଡି ଶୁଭମ୍

ପୁରାଣ ଯୁଗରୁ ଆରମ୍ଭ କରି ଏଯାବତ ନାରୀର ସ୍ଥାନ ସର୍ବାଗ୍ରେ ରହିଆସିଛି। ଦୁଖକୁ ପିଇ ପିଇ ସେ ସୁଖର ଆବରଣରେ ସମସ୍ତଙ୍କୁ ବିମୋହିତ କରେ। ସେ ହିଁ ନାରୀ। ନାରୀ – ଶକ୍ତିମୟୀ, ସର୍ବଂସହା। ସେ ଜନନୀ, ଜୟା, ଭଗିନୀ। ସେ ସାଧାରଣ ମଣିଷ ନୁହେଁ ବରଂ ଶକ୍ତିପ୍ରଦାୟିନୀ। ସେ ଘରର ଲକ୍ଷ୍ମୀ। ସେ କେବେ ମା ର ମମତାରେ ସାରା ଦୁନିଆକୁ ଭିଜେଇଦେଉଥିବା ବେଳେ ଆଉ କେବେ ସହଧର୍ମିଣୀ ରୂପରେ ଘରର ମଙ୍ଗଳ ସାଧନ କରେ। ସେଇଥିପାଇଁ ତ ନାରୀ ସର୍ବପୂଜ୍ୟା। ନାରୀ ପଣତର କାନି ତଳେ ଲୁହକୁ ସାଇତି ସଂସାରକୁ ଆନନ୍ଦର ବର୍ଣ୍ଣବିଭାରେ ବିମଣ୍ଡିତ କରେ। ସେ ପୁଣ୍ୟମୟୀ, ସେ ଧର୍ମମୟୀ। ସେ ସକଳ ଧର୍ମର ପୂଜାରିଣୀ। କେବଳ ଭାରତ କାହିଁକି ସାରା ବିଶ୍ୱକୁ ଯଦି ଅବଲୋକନ କରାଯାଏ, ନାରୀ ପୁରୁଷ ଠାରୁ କେଉଁ ଗୁଣରୁ କମ ନୁହେଁ। ଆଜି ନାରୀ ଏଭରେଷ୍ଟ ଚଢ଼ି ପାରୁଛି, ଆଥଲେଟ୍ସ୍‌ରେ ପାରଦର୍ଶିତା ଦେଖେଇପାରୁଛି, ରାଜନୀତିରେ ପାରଙ୍ଗମା ହୋଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିପାରୁଛି। ହେ ନାରୀ, ତୁମେ ସଦା ନମସ୍ୟା। ପ୍ରତିବର୍ଷ ଭାରତରେ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ।

ପରନ୍ତୁ ସମୟର ଚକ୍ରବୃଦ୍ଧି ହାର ସହିତ ଏବେ ନାରୀକୁ କରାଯାଉଛି ଅବହେଳିତ। ସବୁଦିନ ସମ୍ବାଦପତ୍ର ହେଉ କି ଗଣମାଧ୍ୟମ ଧର୍ଷଣ ଏବେ ଶିରୋନାମା ପାଲଟିଯାଇଛି। ନାରୀଲୋଭୀ କାମୁକ ମାନଙ୍କର ସଂଖ୍ୟା ଏତେ ବଢ଼ିଯାଇଛି ଯେ ଏଠି ଦିନରେ ଚାଲିବା ବି କଷ୍ଟ ହୋଇପଡୁଛି। ନାରୀ ପୂଜ୍ୟା। ଏକଥାକୁ ମର୍ମେ ମର୍ମେ ବୁଝିବା ଦରକାର। କିନ୍ତୁ ସମାଜରେ ନାରୀ ପାଉଛି ଲାଂଛନା। ସେ ଆଜି ଅବଳା। ସେ ଅବହେଳିତା। ନ୍ୟାୟ ପାଇଁ ସଂଗ୍ରାମ କରି କରି ଶେଷରେ ଜୀବନ ହାରୁଛି ସିନା ଜୀବନ ଯୁଦ୍ଧରେ ଜିତି ପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ନିର୍ଭୟା ମାମଲା। ଅଭିଯୁକ୍ତ ଧରା ହେଲେ, ଫାଶୀ ପାଇଁ ତାରିଖବି ଧାର୍ଯ୍ୟ ହେଲା। କିନ୍ତୁ ଶେଷକୁ କେବେ ଏହା ଘୁଂଚି ଯାଉଛି ତ ଆଉ କେବେ ପରବର୍ତୀ ଶୁଣାଣୀର ଅପେକ୍ଷାରେ ଦିନ ବିତୁଛି। କୁନ୍ଦୁଲି ହେଉ କି ନିର୍ଭୟା – ଏମାନେ ସମସ୍ତେ ଜଣେ ଜଣେ ନାରୀ। ଆଉ ନାରୀକୁ ସୁରକ୍ଷା ଦେବା ଆମ କତବ୍ୟ। କେଇ ପଦ ସାନ୍ତ୍ୱନାମୂଳକ କଥା କହିଲେ ଜଣେ ନ୍ୟାୟ ପାଇଯାଏନି। ଆଜି ନ୍ୟାୟ ପାଇଁ ବାରଦୁଆର ଶୁଣିପିଣ୍ଡା ହେବାକୁ ପଡୁଛି। ଏଇଥି ପାଇଁ କଣ ଜଣେ ନାରୀ ଦଶ ମାସ ଦଶଦିନ କଷ୍ଟ ସହି ଜଣଙ୍କୁ ନୂଆ କିରଣ ଦେଖାଏ! ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ। ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦ

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ଶୁକ୍ରବାର, ୦୮ ମାର୍ଚ୍ଚ ୨୦୨୩

ଶିବମହିମା

ରାଜସ୍ମିତା ବାରିକ

ଓଁ ତ୍ରୟମ୍ବକମ୍ ଯଜାମହେ,
ସୁଗନ୍ଧିମ୍ ପୁଷ୍ଟି ବର୍ଦ୍ଧନମ
ଉର୍ବାରୁକମ ମିବ ବନ୍ଧନାତ
ମୃତ୍ୟୁର୍ମୋକ୍ଷିୟ ମାମୃତାତ୍ ।।

ସନାତନ ଧର୍ମରେ ପ୍ରଥା, ପରମ୍ପରା, ଆଧାତ୍ମିକତା ଭାବ ଆମ ସଂସ୍କୃତିର ପରିଚୟ ଦିଏ। ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ କରାଯାଏ। ଦେବଦେବ ମହାଦେବଙ୍କଦ୍ୱାରା ଏଇ ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଦେବତା ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ହଳାହଳ ବିଷକୁ ଶିବ ପାନକରି ସମଗ୍ର ବିଶ୍ୱକୁ ରକ୍ଷା କରିଥିଲେ । ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ଶିବ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ଚେତା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ପ୍ରଦୀପ ଜାଳି ଉଜାଗରରେ ରହିଥିଲେ । ସେହି ଦିନକୁ ଭକ୍ତ ମାନେ ଶିବରାତ୍ରି ଭାବେ ପୂଜା କରିଥାନ୍ତି । ଶିବ ହେଉଛନ୍ତି କଲ୍ୟାଣମୟ। ସବୁ ଅମଙ୍ଗଳକୁ ବିନାଶ କରି ମଙ୍ଗଳର ରୂପ ହିଁ ଶିବ। ଶିବ ଶବ୍ଦ ଶୁଭାବହ। ସମସ୍ତ ଜୀବଜଗତ ତାଙ୍କୁ ପ୍ରାର୍ଥନା କରି ଐଶ୍ୱର୍ଯ୍ୟ ଭୋଗ କରିଥାନ୍ତି। ସେଥି ପାଇଁ ସେ ମହେଶ୍ୱର। ଶିବ ହେଉଛନ୍ତି ଆଦିସ୍ରଷ୍ଟା। ନିଜେ ଅର୍ଦ୍ଧନାରୀଶ୍ୱର ହୋଇ ସମଗ୍ର ଜୀବ ଜଗତକୁ ସୃଷ୍ଟି କରିଛନ୍ତି। ସମଗ୍ର ଜୀବ ଜଗତକୁ ବିଷର ଜ୍ୱାଳାରୁ ରକ୍ଷା କରିଛନ୍ତି, ସେଥିପାଇଁ ସେ ନୀଳକଣ୍ଠ ।

ମହାଦେବ ନିଜ ମସ୍ତକରେ ଚନ୍ଦ୍ର ଏବଂ ଗଙ୍ଗା ଧାରଣ କରିଛନ୍ତି। ନିଜ ଗଳାରେ ସର୍ପ ଅଭୂଷିତ କରି ବକ୍ଷ ଦେଶରେ ମୁଣ୍ଡମାଳ ଧାରଣ କରିଥାନ୍ତି। ହାତରେ ତ୍ରିଶୁଳ ଓ ଡମ୍ବରୁ ଧାରଣ କରିଛନ୍ତି । ଶ୍ମଶାନ ରେ ବାସ କରି ଭସ୍ମ ନିଜ ଦେହ ରେ ଲେପନ କରନ୍ତି । ସେହିପରି ବୃଷଭ ନନ୍ଦୀ ହେଉଛନ୍ତି ସାତ୍ୱିକ ଶକ୍ତି ଓ ବଳର ପ୍ରତୀକ, ଯିଏକି ମହାଦେବଙ୍କ ବାହାନ । ଭଗବାନ ଶିବ ବାଘଛାଲ ପିନ୍ଧିବା ସହ ଏହା ଉପରେ ବସିଥାନ୍ତି । ବାଘ ହେଉଛି ଶକ୍ତି ଓ ସତ୍ତାର ପ୍ରତୀକ । ତେଣୁ ଶକ୍ତି ଓ ସତ୍ତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ତଥା ବିଜୟ ଲାଭ କରିଲେ ହିଁ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରିବ। ଭଗବାନ ଶିବ ହିମାଳୟ ରେ ବାସ କରନ୍ତି ।

ପୌରାଣିକ ମତ ଅନୁଯାଇ ଦକ୍ଷ ପ୍ରଜାପତି ନିଜ ଦ୍ୱାରା ଆୟୋଜିତ ଯଜ୍ଞକୁ ଯଜ୍ଞ ବିରୋଧୀ ଶିବ ଙ୍କୁ ନିମନ୍ତ୍ରଣ କରିନଥିବାରୁ କନ୍ୟା ସତୀ ନିଜ ସ୍ୱାମୀଙ୍କ ଅସମ୍ମାନକୁ ସହି ନପାରି ଯଜ୍ଞରେ ଆତ୍ମହୁତି ଦେଇଥିଲେ। କ୍ରୋଧ ରେ ଶିବ ଉଲଗ୍ନ ହୋଇ ଯଜ୍ଞ ନଷ୍ଟ କରିବା ସଙ୍ଗେ ସଙ୍ଗେ ଦେବତା ମାନଙ୍କୁ ଆକ୍ରମଣ କରିଥିଲେ। ସତୀଙ୍କ ମୃତଶରୀରକୁ ଧରି ନିଜକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଶିବ ସମଗ୍ର ବିଶ୍ୱ ଭ୍ରମଣ କରିବା, ପୁଣି କାଳ କାଳ ଧରି ତପସ୍ୟା କରି ଉଭୟେ ପୁଣି ଫେରିପାଇବା ହିଁ ଏହା ସୂଚାଏ ପ୍ରେମର ବାସ୍ତବିକ୍ ପରିଭାଷା । ପତିପତ୍ନୀର ସମ୍ପର୍କ ତଥା ଶାଶ୍ୱତ ପ୍ରେମର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ଶିବ ।

ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ । ପ୍ରତ୍ୟେକ ପ୍ରହରର ସମୟ ତିନି ଘଣ୍ଟା । ପ୍ରଥମ ପ୍ରହରରେ ଶିବଲିଙ୍ଗକୁ ଦୁଗ୍ଧରେ ଅଭିଷେକ କରାଯାଏ । ଦ୍ୱିତୀୟ ପ୍ରହରରେ ଶିବଲିଙ୍ଗକୁ ଦହିରେ ଅଭିଷେକ କରାଯାଏ । ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ । ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଚୂଡ଼ାଦେଶକୁ ମହାଦୀପ ଉଠାଯାଏ । ଭକ୍ତ ମାନେ ଶିବଙ୍କୁ ବହୁ ନିଷ୍ଠାର ସହ ଆରଧନା କରିଥାନ୍ତି। ଭାଗବାନ ଶିବ ଭକ୍ତଙ୍କର ଦୁଃଖ, ରୋଗ, ଶୋକ ଦୂର କରି ମୁକ୍ତି ପ୍ରଦାନ କରନ୍ତି ।

ସାରା ସଂସାରକୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଜ୍ଞାନର ପ୍ରଦୀପ ପ୍ରଜଳନ କରିବା ହିଁ ପ୍ରକୃତ ଜାଗର। ପୁଷ୍ପ, ଚନ୍ଦନ, ପତ୍ର ଓ ଫଳ ଆଦି ପ୍ରଦାନ କରି, ଜପ,ତପ, ଧ୍ୟାନ ଦ୍ୱାରା ଶିବ ପୂଜା ହୋଇଥାଏ। କିନ୍ତୁ ପ୍ରକୃତ ଶିବ ପୂଜାର ଉଦ୍ଦେଶ୍ୟ ଆତ୍ମ କଲ୍ୟାଣ ସହିତ ଜଗତ କଲ୍ୟାଣ କରିବା।

+ନୀଳଗିରି, ବାଲେଶ୍ୱର

ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ

ଅଜୟ କୁମାର ବେହେରା

ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣକୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଲାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଟିରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରୀଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।

+ପିସି ସରକାର ଲେନ୍, କଟକ
ମୋ : ୯୪୩୭୦୩୧୨୫୩

ଶିବରାତ୍ରୀ ଓ ମହା ମୃତ୍ୟୁଞ୍ଜୟ ମନ୍ତ୍ର

ଦେବାଶିଷ ଆଚାର୍ଯ୍ୟ

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରି। ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ପବିତ୍ର ମହାଶିବରାତ୍ରୀରେ ସନାତନ ଆଧାତ୍ମିକ ସଂସ୍କୃତିରେ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ୱ ଅତ୍ୟନ୍ତ ଚେତନାଦାୟୀ ଓ କଲ୍ୟାଣକାରୀ ବୋଲି ବିଶ୍ୱାସ ରହିଛି। ବିଶ୍ୱାସ ରହିଛି ମୃତ୍ୟୁର ଭୟ ଉପରେ ବିଜୟ ଲାଭ କରିବା ନିମନ୍ତେ ଯେଉଁ ମନ୍ତ୍ର ଅହର୍ନିଷ ଜପ କରାଯାଏ ତାହା ହେଉଛି ମହାମୃତ୍ୟୁଞ୍ଜୟ ମନ୍ତ୍ର। ବ୍ରହ୍ମା, ବିଷ୍ଣୁ ଓ ଦେବ ଦେବ ମହେଶ୍ୱର ହିନ୍ଦୁ ଶାସ୍ତ୍ର ବିଧାନରେ ଏମାନେ ହେଉଛନ୍ତି ତ୍ରିମୂର୍ତ୍ତି, ପରଂବ୍ରହ୍ମଙ୍କର ତିନି ସ୍ୱରୂପ। ସଦ୍‌ଗୁଣର ପ୍ରତୀକ ହେଉଛନ୍ତି ବ୍ରହ୍ମା, ରଜ ଗୁଣର ବିଷ୍ଣୁ ଓ ତମ ଗୁଣର ପ୍ରତୀକ ଭାବେ ଶିବଙ୍କୁ ଆରାଧନା କରାଯାଏ। ପ୍ରାଚୀନ ବୈଦିକ ବିଶ୍ୱାସରେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଆଉ ସଂହାର କର୍ତ୍ତା ହେଉଛନ୍ତି ଶିବ। ଶିବ ସଂହାରକର୍ତ୍ତା ହୋଇଥିବାରୁ ମଣିଷର ଜୀବନଚକ୍ରକୁ ନିୟନ୍ତ୍ରଣ କରିବାର ଶକ୍ତି ହିଁ କେବଳ ତାଙ୍କର। ତାଙ୍କୁ ମଧ୍ୟ ମହାଦେବ, ମହା ମୃତ୍ୟୁଞ୍ଜୟ, ମହାଯୋଗୀ, ପଶୁପତି, ନଟରାଜ, ଭୈରବ ଏବଂ ବିଶ୍ୱନାଥ ଆଦି ବହୁ ନାମରେ ପୂଜା କରାଯାଏ। ଶିବଙ୍କର ଅନ୍ୟନାମ ମଧ୍ୟ ହେଉଛି ଆଶୁତୋଷ ଯାହାର ଅର୍ଥ ସେ ଅଳ୍ପକେ ସନ୍ତୁଷ୍ଟ ହୋଇଥାନ୍ତି। ଶିବ ସବୁବେଳେ ଧ୍ୟାନସ୍ଥ। କୈଳାସ ହେଉଛି ତାଙ୍କର ଆବାସ। ତେଣୁ ତାଙ୍କୁ ମଧ୍ୟ କୈଳାସପତି କୁହାଯାଏ।

ଶିବଙ୍କୁ ସନ୍ତୁଷ୍ଟ କରି ମୃତ୍ୟୁ ଭୟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଏ ତାହାର ସୁନ୍ଦର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ ସବିଶେଷ କରାଯାଇଛି। ସେହି ମନ୍ତ୍ରଟି ହେଉଛି 'ଓଁ ତ୍ରୟମ୍ବକମ୍ ଯଜା ମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାଳମୃତାତ୍।' ଅର୍ଥାତ୍ ଆମେ ସେହି ତ୍ରିଲୋଚନ ଶିବଙ୍କୁ ପୂଜା କରୁଛୁ ଯାହାଙ୍କର ଦୟାର ସୁଗନ୍ଧ ଚତୁର୍ଦିଗରେ ବିଚ୍ଛୁରିତ ହୋଇପଡ଼ିଛି ଏବଂ ଯିଏ ହେଉଛନ୍ତି ଭକ୍ତର ରକ୍ଷକ। ପରିପକ୍ୱ ହୋଇଥିବା ଫୁଟି କାକୁଡି ଯେପିର ସହଜରେ ବୃନ୍ତଚ୍ୟୁତ ହୋଇଯାଏ ଠିକ୍ ସେହିପରି ଭାବେ ତାଙ୍କୁ ପୂଜାକଲେ ଆମେ ମୃତ୍ୟୁଭୟକୁ ଜୟ କରି ଅମରତ୍ୱ ଲାଭ କରି ପାରିବୁ। ହେ ପ୍ରଭୁ, ମୋକ୍ଷ ପ୍ରାପ୍ତି ନିମନ୍ତେ ଆପଣ ମତେ ଦୟା କରନ୍ତୁ ଏବଂ ମୃତ୍ୟୁର କରାଳ ଭୟରୁ ରକ୍ଷା କରନ୍ତୁ। ମାର୍କଣ୍ଡେୟ ପୁରାଣର ବର୍ଣ୍ଣନା ଅନୁଯାୟୀ ଶିବଙ୍କ ଉପରେ ମାର୍କଣ୍ଡେୟ ଏପରି ତଲ୍ଲୀନ ରହିଥିବାରୁ ସ୍ୱୟଂ ଯମଙ୍କ ଦୂତମାନେ ମଧ୍ୟ ଶରୀରରୁ ଆତ୍ମାକୁ ନେଇପାରିଲେ ନାହିଁ। ଶିବଙ୍କୁ ଏହି ମନ୍ତ୍ର ଅର୍ପଣ କରାଯାଇ ତାଙ୍କୁ ମହାମୃତ୍ୟୁଞ୍ଜୟ କୁହାଯାଇଛି। ଋଗ୍‌ବେଦର ସପ୍ତମ ମଣ୍ଡଳ ୫୯ ଶ୍ଳୋକରେ ଏହା ସ୍ଥାନ ପାଇଛି। ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ଏହି ମନ୍ତ୍ର ଲେଖାଯାଇଛି। ମନ୍ତ୍ରର ଏକାଦଶ ପଦରେ ଏହାର ଆରମ୍ଭ ହୋଇଛି। ପ୍ରକୃତିର ପାଞ୍ଚ ଶକ୍ତିର ବର୍ଣ୍ଣନା କରାଯାଇଛି। ପ୍ରକୃତିର ଏହି ଶକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପରେ ବଶିଷ୍ଠ ଶେଷ ପଦରେ ଯେଉଁ ମନ୍ତ୍ର ଗାନ କରିଛନ୍ତି ତାହା ହେଉଛି ମହା ମୃତ୍ୟୁଞ୍ଜୟ ମନ୍ତ୍ର। ଏହି ଶକ୍ତିକାରୀ ମନ୍ତ୍ରକୁ ରୁଦ୍ରମନ୍ତ୍ର ଭାବେ କେହି କେହି ସ୍ମରଣପୂର୍ବକ ପାଠ କରିଥାନ୍ତି। ଜୀବନପ୍ରାପ୍ତି ନିମିତ୍ତ ଏହି ଦିବ୍ୟ ସଂଜିବନୀ ଶକ୍ତିଶାଳୀ ମନ୍ତ୍ରକୁ ମୃତ୍ୟୁ ସଂଜିବନୀ ମନ୍ତ

ଘୁମୁସର ଉଦୟଗିରିରେ ଜଳକଷ୍ଟ: ଜଳସେଚନ ବିଭାଗର ଅବହେଳା ଯୋଗୁଁ ଜନସାଧାରଣ ହେଉଛନ୍ତି ହନ୍ତସନ୍ତ

ଘୁମୁସର ଉଦୟଗିରି, ୦୭/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ଘୁ ଉଦୟଗିରିବାସୀଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ସିର୍କୀ ଘାଇ ଠାରୁ ପାଣି ଆଣି ବ୍ଲକ ନିକଟ ଚନ୍ଦନ ସାହିରେ ଓଭର ହେଡ ଟ୍ୟାଙ୍କ ସହିତ ଫିଲଟର ଓ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ମାର୍ଚ୍ଚ ଆରମ୍ଭରୁ ଘୁ ଉଦୟଗିରିବାସୀଙ୍କ ନିମନ୍ତେ ଜଳ କଷ୍ଟ ଆରମ୍ଭ ହେଲାଣି । ଦୀର୍ଘ ୫ ଦିନ ହେବ ପାଣି ଟୋପାଏ ପାଇଁ ଡହଳ ବିକଳ ହେଲେଣି ସହରବାସୀ ।

ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ସୀର୍କୀ ଘାଇରେ ଜଳ ଉଠାଣ ବ୍ୟବସ୍ଥା ହୋଇଛି । ଯେଉଁ ସ୍ଥାନରୁ ଜଳ ଉଠା ଯିବ ସେହି ସ୍ଥାନକୁ ଆଉ ପାଣି ଯାଉ ନାହି କାରଣ ଘାଇର ପାଣି ଶୁଖି ଗଲାଣି । ସେପଟେ ଘାଇରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ କେନାଲରେ ଜଳ ନିଷ୍କାସନ କରିବା ନିମନ୍ତେ ଯେଉଁ ଗେଟ୍ ତିଆରି ହୋଇଛି ସେହି ଗେଟ୍‌ର ଚାବି ଭାଙ୍ଗି ଯାଇଛି, ଯାହାକି ସେହି ଗେଟ୍ ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି । ସେହି ଗେଟ୍ ଦ୍ୱାରା ପ୍ରବଳ ମାତ୍ରାରେ ଜଳ ବାହାରକୁ ଯାଇ ନଷ୍ଟ ହେଉଛି ।ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଉକ୍ତ ବିଷୟ ପ୍ରତି ଧ୍ୟାନ ଦେଉନାହାନ୍ତି ମରାମତି ପାଇଁ, ଯନ୍ତ୍ରୀ, କିମ୍ବା ସହକାରି ଯନ୍ତ୍ରୀ ସେହି କାର୍ଯ୍ୟ ମରାମତି କରିବା ପାଇଁ ତତ୍ପରତା ଦେଖାଉ ନାହାନ୍ତି ଯାହା ଫଳରେ ଆଜି ଘାଇରେ ଅକାରଣରେ ପାଣି ଯାଉଛି ଓ ନଷ୍ଟ ହେଉଛି । ସେପଟେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଚାଷୀମାନେ ଜମିରେ ଚାଷ ନିମନ୍ତେ ପାଣିର ଆବଶ୍ୟକତା ଥିବା ଯୋଗୁଁ ଚାଷୀଙ୍କୁ କେନାଲ ଗେଟ୍‌ର ଚାବି ଦିଆଯାଇଛି ସେମାନେ ପାଣି ଛାଡୁଛନ୍ତି ବୋଲି କହି ନିଜ ଉପରୁ ଦୋଷ ଛଡ଼େଇ ଦେଇଛନ୍ତି ଓ ଯଥା ଶୀଘ୍ର କାମ କରାଯିବ ବୋଲି କହିବା ସହିତ ଚେଷ୍ଟା କରୁଛୁ ବୋଲି କହିଛନ୍ତି । ସେତେବେଳ ପର୍ଯ୍ୟନ୍ତ ସହରବାସୀ କେଉଁ ସ୍ଥାନର ପାଣି ବ୍ୟବହାର କରିବେ ଓ କଣ କରିବେ ବୋଲି ପ୍ରଶ୍ନ ଉଠିଲାଣି ।ଅନ୍ୟପକ୍ଷରେ ଘାଇର ତଳ ଅଂଶରେ କୌଣସି ସ୍ଥାନରେ ଚାଷ କରାଯାଉନାହିଁ, ଯେଉଁ ସ୍ଥାନରେ ଚାଷ ହେଉଛି ସେହି ଜମିକୁ ଅନ୍ୟ ସ୍ଥାନରୁ ପାଣି ଆସୁଛି । ଏପଟେ ସିର୍କୀ ଡେମର ପାଣି ଅବସ୍ଥା ଦେଖି ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ଅନେକ ଥର କ୍ଷୁଦ୍ର ଜଳ ସେଚନ ବିଭାଗୀୟ ଅଧିକାରୀଙ୍କୁ ଜଳ ନିଷ୍କାସନ ହେଉଥିବା ସ୍ଥାନର ଚାବି ମରାମତି କରିବା ସହିତ ସମସ୍ୟାର ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇ ପାରୁ ନାହିଁ । ସେପଟେ ଘୁ ଉଦୟଗିରି ଅଞ୍ଚଳବାସୀ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାର ସମାଧାନ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି ।

ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ

କେନ୍ଦ୍ରାପଡ଼ା, ୦୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇ ଯାଇଛି । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚଳିତ ବର୍ଷର ଥିମ୍ ରହିଛି "ଇନ୍‌ସ୍ପାୟାର୍ ଇନ୍‌କ୍ଲୁଜନ୍ ।" ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ମହିଳା ମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ସ୍ତରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଥିଲେ ମଧ୍ୟ ସହଭାଗିତାର ଅଭାବ ଯୋଗୁଁ ଏହାର ସୁଫଳ ମହିଳା ମାନଙ୍କ ନିକଟରେ ପହଂଚି ପାରୁନାହିଁ । ଆମେରିକା ଭଳି ଉନ୍ନତ ଦେଶରେ ରାଷ୍ଟ୍ରପତି ପଦ ଏ ପର୍ଯ୍ୟନ୍ତ ମହିଳାଙ୍କୁ ମିଳି ପାରି ନଥିବା ବେଳେ ଭାରତ ଭଳି ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଷ୍ଟ୍ରପତି ପଦବୀ ଦୁଇ ଦୁଇଜଣ ମହିଳା ଅଳଙ୍କୃତ କରିବାର ସୌଭାଗ୍ୟ ମହିଳା ମାନଙ୍କୁ ଆଗକୁ ଅଗ୍ରସର ହେବାର ପ୍ରେରଣା ଯୋଗାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ବ୍ୟଙ୍ଗ ଚିତ୍ରକାର ଆର୍.କେ ଲକ୍ଷ୍ମଣଙ୍କ ବ୍ୟଙ୍ଗ ଚିତ୍ରରେ ସ୍ଥାନିତ 'କମନ୍ ମ୍ୟାନ୍'ର ଉଦାହରଣ ଦେଇ ନାରୀଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସେ କହିଥିଲେ ଯେ, ନାରୀ କେବେ ସାଧାରଣ ନୁହେଁ । ଅନ୍ୟତମ ଅତିଥି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର କହିଥିଲେ ଯେ, ମହିଳାମାନେ ସମାଜର ପ୍ରଗତିର ଉତ୍ସ । ସେ ହିଁ ସୃଷ୍ଟିକର୍ତ୍ତା ଓ ଶକ୍ତି ସ୍ୱରୂପା । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଡିପିସି (ମମତା) ମନୋରଞ୍ଜନ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ନାରୀ ସଶକ୍ତିକରଣ ଓ ରାଜ୍ୟ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ମୋଟ୍ ୨୧ଜଣ ସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀଙ୍କୁ ଜିଲ୍ଲାପାଳ ଉତରୀୟ, ଉପଢୌକନ, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ । ପ୍ରଦୀପ ପ୍ରଜ୍ୱାଳନ ପୂର୍ବକ ସମାରୋହ ଜିଲ୍ଲାପାଳଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ପରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରାରମ୍ଭରେ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ଶେଷରେ ପୋଗ୍ରାମ୍ ଅଫିସର ସଂଯୁକ୍ତା ମିଶ୍ର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୦୭/୩ (ନି.ପ୍ର): ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ପଂଚାୟତ ସମିତି ଅଧକ୍ଷ/ଅଧକ୍ଷା, ପୌର ପରିଷଦ ଅଧକ୍ଷ/ଅଧକ୍ଷା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର,ଶିକ୍ଷାନୁଷ୍ଠାନର କର୍ମକର୍ତା ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଆଗାମୀ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ସକାଶେ ସବୁ ସ୍ତରରେ ସଜାଗ ରହିବା ସହ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଅପ୍ରେଲ ପହିଲାରୁ ବିଦ୍ୟାଳୟ ସମୟ ନିର୍ଘଣ୍ଟରେ ପରିବର୍ତନ ପୂର୍ବକ ସକାଳ ସାଢେ ଛ'ରୁ ସାଢ଼େ ଦଶଟା କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ସେହିପରି ଅଙ୍ଗନବାଡ଼ି କେନ୍ଦ୍ରଗୁଡିକ ସକାଳ ସାଢେ ସାତରୁ ସାଢ଼େ ଦଶଟା ପର୍ଯ୍ୟନ୍ତ ଖୋଲାଯିବ । ସବୁ ବିଦ୍ୟାଳୟରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବସ ଚଳାଚଳ ସମୟର ପରିବର୍ତନ କରାଯାଇଛି ।

ବାଲ୍ୟବିବାହ ଆଇନକୁ ଫୁ': ପରୀକ୍ଷା ନ ଦେଇ ବାହାହେଲେ ୬ ଛାତ୍ରଛାତ୍ରୀ

କାଳିଆପାଣି, ୦୭/୩ (ନି.ପ୍ର): ଗତ କିଛିଦିନ ମଧ୍ୟରେ ଯାଜପୁରର କାଳିଆପାଣି ଥାନା ଅଧୀନ ବିଭିନ୍ନ ଗାଁରେ ୬ ଜଣ ସ୍କୁଲ ଛାତ୍ରଛାତ୍ରୀ ବିବାହ କରିଛନ୍ତି । ସେମାନଙ୍କ ମଧ୍ୟରେ ୪ ଜଣ ଆଦିବାସୀ ଛାତ୍ରୀ ଓ ଦୁଇଜଣ ପଛୁଆ ବର୍ଗର ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି । ୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଓ ଜଣେ ଛାତ୍ରୀ ନବମ ଶ୍ରେଣୀ ବାର୍ଷିକ ବୋର୍ଡ ପରୀକ୍ଷାକୁ ତୁଚ୍ଛକରି ବିବାହ କରିଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଚଳିତବର୍ଷ ଦଶମରେ ପଢୁଥିବା ୩ ଛାତ୍ରୀଙ୍କ ନାଁରେ କଅଁସ ପଞ୍ଚାୟତର ଏନ୍‌ଜିବିଏମ୍ ହାଇସ୍କୁଲକୁ ଆଡ୍‌ମିଟ୍ କାର୍ଡ ଆସିଥିଲା । ସେମାନେ ଆଡ୍‌ମିଟ୍ କାର୍ଡ ନେବାକୁ ଆସିନଥିଲେ ବୋଲି ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଶତପଥୀ କହନ୍ତି । ଚିଙ୍ଗୁଡ଼ିପାଳ ସୈରିକ ହାଇସ୍କୁଲରେ ଜଣେ ଛାତ୍ରୀ ଫର୍ମ ପୂରଣ କରିଥିଲେ ମଧ୍ୟ ଆଡ୍‌ମିଟ୍ କାର୍ଡ ନେଇନଥିଲେ । ଏହି ଛାତ୍ରୀ ଜଣକ ବିବାହ କରିଥିବା ନେଇ ସୂଚନା ମିଳିଥିବା ସ୍କୁଲ ପକ୍ଷରୁ କୁହାଯାଇଛି । ସେହି ସୈରିକ ହାଇସ୍କୁଲର ଜଣେ ପଛୁଆବର୍ଗର ଛାତ୍ର ମାଟ୍ରିକ୍ ପରୀକ୍ଷାର ପ୍ରଥମଦିନ ପରେ ଅନୁପସ୍ଥିତ ରହିଥିଲେ । ଛତାଟାଙ୍ଗରର ଏହି ଛାତ୍ର ଜଣକ ତାଙ୍କ ଗାଁ ପାଖ ବସ୍ତିର ଜଣେ ନବମଶ୍ରେଣୀର ଆଦିବାସୀ ଛାତ୍ରୀଙ୍କୁ ବିବାହ କରିଥିବା ଜଣାପଡ଼ିଛି । ଗତବର୍ଷ ଠିକ୍ ଏମିତି ମାଟ୍ରିକ୍ ପରୀକ୍ଷାକୁ ଏଡ଼ାଇ ଖଣିଅଞ୍ଚଳର ୪ ଜଣ ଛାତ୍ରଛାତ୍ରୀ ବାଲ୍ୟ ବିବାହ କରିଥିଲେ । ଏଥର ଏହାର ପୁନରାବୃତ୍ତି ହୋଇଛି । ପୁନଶ୍ଚ ଗତ ୫ ବର୍ଷ ମଧ୍ୟରେ ଘାଗିଆସାହି ଓ ଚିରିଗୁଣିଆ ଗାଁରେ ଅନୁଷ୍ଠିତ ବିବାହ ମଧ୍ୟରୁ ୮୦% ବାଲ୍ୟବିବାହ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନର ନଜିର ନାହିଁ । ଏ ସଂପର୍କରେ ଯାଜପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକଙ୍କୁ କହିଛନ୍ତି, ତାଙ୍କ ପାଖେ ଏ ନେଇ ସୂଚନା ନାହିଁ । ନବରଙ୍ଗପୁର: ସ୍କୁଲ ଉପସ୍ଥାନ ଖାତାରେ ନାଁ ଗଡୁଛି । କିନ୍ତୁ ମାସ ମାସ ଧରି ବିଦ୍ୟାଳୟର ମୁହଁ ଚାହିଁନାହାନ୍ତି ପିଲା । ତଥାପି ବିଦ୍ୟାଳୟ କର୍ତ୍ତୃପକ୍ଷ ନିରବ । ଅନ୍ୟପଟେ କଅଁଳ ବୟସରେ ଦଲାଲ୍‌ର ପ୍ରଲୋଭନରେ ପଢ଼ି ଦାଦନ ଖଟିବାକୁ ବାପା, ମା' ସହ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ନବରଙ୍ଗପୁର ଜିଲ୍ଲା ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ଦେଖିବାକୁ ମିଳିଛି । ଏଠାକାର ଚାରିଜଣ ନାବାଳକ ଓ ନାବାଳିକାଙ୍କୁ କର୍ମ କ୍ଷେତ୍ରରୁ ଉଦ୍ଧାର କରିଛି ତେଲେଙ୍ଗାନା ଶ୍ରମ ବିଭାଗ । ସମସ୍ତ ଶିଶୁ ଶ୍ରମିକଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିଛି । ଜିଲ୍ଲାରେ ଡ୍ରପଆଉଟ୍‌ର ପ୍ରକୃତ ଚିତ୍ରକୁ ଏହି ଘଟଣା ପଦାରେ ପକାଇଛି । ଗତ ଜାନୁଆରି ମାସରେ ତେଲେଙ୍ଗାନା ଶ୍ରମ ବିଭାଗ ମେହେବୁବାବାଦର ଏକ ଇଟାଭାଟିରେ ଚଢ଼ଉ କରିଥିଲା । ଭାଟିରୁ ୮ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୪ଜଣ ନବରଙ୍ଗପୁର ଜିଲ୍ଲାର ଥିଲେ । ଝରିଗାଁ ବ୍ଲକର ୨ଜଣ ରହିଥିବା ବେଳେ ଜଣେ ପଞ୍ଚମ ଓ ଅନ୍ୟଜଣକ ସପ୍ତମ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି । ଏହି ୨ଜଣଙ୍କୁ ଜଣେ ଦଲାଲ୍ ଟଙ୍କା ଲୋଭ ଦେଖାଇ ତେଲେଙ୍ଗାନା ନେଇଥିଲେ । ଉଦ୍ଧାର ହୋଇଥିବା ଅନ୍ୟ ୨ଜଣ ଚନ୍ଦାହାଣ୍ଡି ବ୍ଲକର । ଜଣେ ପଞ୍ଚମରେ ଓ ଅନ୍ୟ ଜଣକ ଦଶମରେ ପଢୁଥିବା ଜଣାପଡିଛି । ଏ ଦୁହେଁ ବାପା, ମା' ସହ ଇଟାଭାଟିରେ କାମ କରୁଥିଲେ । ୪ଜଣ ଶିଶୁ ଶ୍ରମିକଙ୍କ ଠିକଣା ପାଇବା ପରେ ତେଲେଙ୍ଗାନା ଶ୍ରମ ବିଭାଗ ନବରଙ୍ଗପୁର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଖବର ଦେଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଓ ସମାଜିକ କର୍ମୀ ସମରେନ୍ଦ୍ର ପରିଡା ମାଲକାନାଗିରି ଯାଇ ସମସ୍ତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ଚନ୍ଦାହାଣ୍ଡିର ୨ଶିଶୁଙ୍କୁ ତାଙ୍କ ବାପା ଓ ମା'ଙ୍କୁ ହସ୍ତାନ୍ତର କରାଯାଇଛି । ଝରିଗାଁର ୨ଜଣଙ୍କୁ ତାଙ୍କ ପରିବାର ନିକଟରେ ପହଞ୍ଚାଯାଇଛି ।

ଚମ୍ପୁଆରେ ଲକ୍ଷ୍ମୀ ବସ ଯୋଜନା ଅପହଂଚ : ସାଧାରଣରେ ଅସନ୍ତୋଷ

ଚମ୍ପୁଆ , ୦୭/୩ (ନି.ପ୍ର): ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଆସିଲାନି ଲକ୍ଷ୍ମୀ ବସ୍। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଖବର ଅନୁଯାୟୀ, ଚମ୍ପୁଆ ବ୍ଲକସ୍ତରୀୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ କାର୍ଡ ବଣ୍ଟନ ର ଶୁଭାରମ୍ଭ କାର୍ଯ୍ୟକ୍ରମ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ନିର୍ଦ୍ଦେଶାନୁସାରେ ଆଖ ପାଖ ଜାମୁଦଲକ, ସୁନାପସି, କୁଟାରୀପଶି, ରଜିଆ, କାଳିକାପ୍ରସାଦ, ରିମୁଳି, କରଞ୍ଜିଆ ଓ ସରେଇ ଆଦି ପଞ୍ଚାୟତରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମା''ମାନେ ଆସି ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଥିଲା । ତେଣୁ ଏହିସବୁ ପଂଚାୟତରୁ ଚାଳିଶ ରୁ ପଚାଷ ଜଣ ଲେଖାଏଁ ସଭ୍ୟା କାଲି ଦିନ ୨ ଟା ପୂର୍ବରୁ ଆସି ବ୍ଲକରେ ପହଁଚିବାକୁ କୁହା ଯାଇଥିଲା । ତେବେ ଏହି ସବୁ ପଂଚାୟତ ରୁ ଲକ୍ଷ୍ମୀ ବସ ବ୍ଲକ କୁ ଯିବା ଆସିବା କରୁଛି, ସମସ୍ତେ ପାଞ୍ଚ ଟଙ୍କା ଦେଇ ଏହି ବସ ରେ ଆସି ପାରିବେ ଓ ଯାଇ ପାରିବେ ବୋଲି କୁହା ଯାଇଥିଲା ।ଜିପିଏଲଏଫ୍ ର ସଭାପତି ଓ ସମ୍ପାଦକ ଏବଂ ଏମବିକେ ନିଜ ପଂଚାୟତରୁ କେଉଁମାନଙ୍କୁ ଆଣିବେ ସେ ସମ୍ପର୍କରେ ତାଲିକା ପ୍ରସ୍ତୁତ କରି ଯୋଗାଯୋଗ କରି ଠିକ ସମୟରେ ବ୍ଲକ ରେ ଉପସ୍ଥିତ ହେବାକୁ କୁହା ଯାଇଥିବା ବେଳେ କୁଟାରିପଶି ପଞ୍ଚାୟତ ରୁ ଆସିବାକୁ ଅପେକ୍ଷା କରିଥିବା ହିତାଧିକାରୀଙ୍କୁ ଏହି ସେବା ମିଳି ପାରିନାହିଁ । ବହୁ ସମୟ ଧରି ଅପେକ୍ଷା କରିବା ପରେ ଶେଷରେ ବିଭିନ୍ନ ଉପାୟରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ହିତାଧିକାରୀ ।ଦିନ ବିତି ଯାଇଥିଲା କିନ୍ତୁ ଲକ୍ଷ୍ମୀ ବସ ର ଦେଖା ମିଳି ନ ଥିଲା । ଲକ୍ଷ୍ମୀ ବସ କୁ ଅପେକ୍ଷା କରି ନିରାଶ ହୋଇଥିଲେ । ଫଳରେ ଏହି ଅବ୍ୟବସ୍ଥା କୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା । ଏ ସମ୍ପର୍କରେ ଚମ୍ପୁଆ ବିଡିଓଙ୍କୁ ଯୋଗାଯୋଗ କରିବାରୁ ଆରଟିଓ ସ୍ୱୀକୃତି କୁ ନେଇ ସାମାନ୍ୟ ସମସ୍ୟା ଥିବାରୁ ଗାଡ଼ି ପହଞ୍ଚି ପାରିନାହିଁ ।

ସରଣ୍ଡାରେ ବେଧଡ଼କ ଚାଲିଛି ଅଫିମ ଚାଷ

ବିଶ୍ରା: ସୁନ୍ଦରଗଡ଼ ଜିଲ୍ଲା ସରଣ୍ଡା ଜଙ୍ଗଲରେ ବେଆଇନ ଅଫିମଚାଷ ହେଉଥିବା ଦେଖିବାକୁ ମିଳିଛି । ମାଫିଆମାନେ ନିରୀହ ଗ୍ରାମବାସୀଙ୍କୁ ଲୋଭଦେଖାଇ ବେଧଡ଼କ ଏହି କାରବାର ଚଳାଇଥିବା ଦେଖାଯାଉଛି । ସରଣ୍ଡାର ଘଞ୍ଚ ଜଙ୍ଗଲରେ ବେଆଇନ ଅଫିସଚାଷ କିଛି ନୂଆକଥା ହୋଇନଥିଲେ ବି ଏବେ ରାସ୍ତାକଡ଼ରେ ଏହି ଚାଷ ହୋଇଥିବା ଦେଖିବାକୁ ମିଳୁଛି । ସୁନ୍ଦରଗଡ ଜିଲ୍ଲା ବିଶ୍ରା ଅଞ୍ଚଳ ସୀମାନ୍ତରୁ ମାତ୍ର ୧୫ କିଲୋମିଟର ଦୂରରେ ଝାଡ଼ଖଣ୍ଡ ରାଜ୍ୟର ମନୋହରପୁରର ତମସାଇ ଗାଁରେ ହେଉଛି ଏହି ଅଫିମଚାଷ । ରାସ୍ତାକଡ଼ରେ ପ୍ରାୟ ୫ ଏକରଜମିରେ ହୋଇଛି ଏହି ଚାଷ । ସବୁ ଅଫିମଗଛରେ ଫଳ ମଧ୍ୟ ଆସି ସାରିଛି । କିଛି ଫସଲ କଟା ମଧ୍ୟ ହୋଇସାରିଛି । ତେବେ ଚାଷ ସହ ଏହାର କ୍ରୟବିକ୍ରୟରେ ସ୍ଥାନୀୟ ନିରୀହ ଆଦିବାସୀ ଗ୍ରାମବାସୀଙ୍କୁ ସାମିଲ କରିଛନ୍ତି ମାଫିଆ । କମ୍ ପରିଶ୍ରମରେ ଅଧିକ ଲାଭର ଲୋଭଦେଖାଇ ଗ୍ରାମବାସୀଙ୍କୁ ଏହି ବେଆଇନ କାର୍ଯ୍ୟରେ ଲିପ୍ତ କରିଛନ୍ତି । ତେଣୁ ଭବିଷ୍ୟତରେ ନିରୀହ ଗ୍ରାମବାସୀ ଯେତେବେଳେ ଆଇନଜାଲରେ ମାଫିଆମାନେ ଆରାମରେ ଖସିଯିବେ ବୋଲି କୁହାଯାଉଛି ।

ନୂଆ- ଓ ଛାତ୍ର ବୃତ୍ତି ପ୍ରମାଣ ପତ୍ର ବଂଟନ କାର୍ଯ୍ୟକ୍ରମ

କୋରାଇ, ୦

ରୂପ୍‌ସା ମହୋତ୍ସବ ଉଦ୍‌ଯାପିତ

ମହୋତ୍ସବ ପୁଲକିତ ସ୍ୱପ୍ନର ସାଇତା ବନ୍ଧନ

ରୂପସା, ୦୭/୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୩ ତମ ବାର୍ଷିକ ରୂପସା ମହୋତ୍ସବ ବୁଧବାର ରାତିରେ ଉଦଯାପିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ କଂଗ୍ରେସର ଯୁବ ନେତା ସରୋଜ କୁମାର ଲେଙ୍କା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ଯୋଗ ଦେଇ ମହୋତ୍ସବ ପୁଲକିତ ସ୍ୱପ୍ନର ସାଇତା ବନ୍ଧନ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଆଙ୍କୋ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ସମାଜସେବୀ ଶ୍ରୀକାନ୍ତ ବୁଗୁଡ଼ାଇ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । କ୍ଲବ ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଡାକ୍ତର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବୀଣାପାଣି ଶିଶୁମନ୍ଦିରର ନୃତ୍ୟ ଶିକ୍ଷୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା । ଉପଦେଷ୍ଟା ବିନୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କମେଡିଆନ ଗୁଲୁଆଙ୍କ ଡାଇଲଗ ଓ ଅଭିନୟରେ ଦର୍ଶକ ଝୁମିଥିଲେ । ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, କୋଷାଧକ୍ଷ ଦୀପକ ସାମଲ, ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ଉପଦେଷ୍ଟା ସଜିନ୍ଦ୍ର ବେହେରା, ବାଞ୍ଛାନିଧି ଦେ,ଗୋପାଳ ଚନ୍ଦ୍ର ସାହୁ, ଲମ୍ବୁଧର ଜେନା,ହିମାଂଶୁ ଜେନା,ମିଟୁ ପରିଡା,ଲିପନ ଜେନା, ଅରୁଣ କୁମାର ବେହେରା,କଟି ଚନ୍ଦନ ଜେନା, ହେମନ୍ତ ସେନାପତି, ବିଜେଶ ପରିଡା, ରାଜେଶ କୁମାର ଜେନା, ବଣ୍ଟି ବେହେରା, କମଳାକାନ୍ତ ପଣ୍ଡା, ସଭ୍ୟା ଝିଲି ବେହେରା, ରୂପା ବେହେରା ଓ ନମିତା ସେନାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

ଭାରତୀୟ ଜନତା ପାର୍ଟିର ନେତ୍ରୀମାନେ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ

ବାଲେଶ୍ୱର, ୦୭/୩ (ନି.ପ୍ର): ଭାରତୀୟ ଜନତା ପାର୍ଟିର ନେତ୍ରୀମାନଙ୍କର ଏକ ପ୍ରତିନିଧି ଦଳ ବାଲେଶ୍ୱରର ଜିଲ୍ଲାପାଳ ଶ୍ରୀଯୁକ୍ତ ଆଶିଷ ଠାକରେଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇବା ସହ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଶା ନିବାରଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜଳେଶ୍ୱର ଅଞ୍ଚଳ ଧଳା ଜହରର ପେଣ୍ଠ ସାଜିଥିବାରୁ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଏ ଦିଗରେ ସେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଜିଲ୍ଲା ଉପସଭାପତି ମମତା ମହାପାତ୍ର, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ସସ୍ମିତା ଚାନ୍ଦ, କାର୍ଯ୍ୟକର୍ତ୍ତା ପ୍ରଶାନ୍ତି ସାହୁ ଓ ସୁଜାତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଜଳେଶ୍ୱରରେ ବାଲେଶ୍ୱରର ନୂତନ ଜିଲ୍ଲାପାଳ

ଜଳେଶ୍ୱର, ୦୭/୩ (ନି.ପ୍ର): ବାଲେଶ୍ୱରର ନୂତନ ଜିଲାପାଳ ଆଶିଷ ଠାକରେ ଆଜି ଜଳେଶ୍ୱର ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେ ମହମ୍ମଦନଗରପାଟଣା ପଂଚାୟତର ୭୪ ଓ ୭୪ନଂ ବୁଥକୁ ଯାଇ ସମୀକ୍ଷା କରିଥିଲେ । ସେଠାରେ ୩ୟ ଶ୍ରେଣୀରେ ପିଲାମାନଙ୍କୁ ପାଠ ପଢାଇଥିଲେ । ପରେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲକୁ ଯାଇ ଡାକ୍ତର, କର୍ମଚାରୀ ଓ ରୋଗୀମାନଙ୍କୁ ଭେଟିଥିଲେ । ଜଣେ ଜିଲାଭାବେଭାବେ ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ କରିବା ଏ ଅଂଚଳରେ ପ୍ରଥମ ହୋଇଥିବାରୁ ତାହା ଏ ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି ।

ଓଟିଡିସି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୦୭/୩ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଦିବସ ପାଳନ ସଂପର୍କରେ ଆଲୋକପାତ କରିଥିଲେ। ମହିଳାମାନେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦିତ କରିପାରିବା ସହ ସମାଜ ପରିବର୍ତ୍ତନ କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାରେ ସକ୍ଷମ ହେଉଥିବା ଡ. ମହାନ୍ତି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଟିଡିସି ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ କହିଲେ ଯେ ବର୍ତମାନ ପରିବର୍ତ୍ତିତ ସମୟରେ ମହିଳାମାନେ ନିଜର ବ୍ୟକ୍ତିଗତ ଏବଂ ପେଶାଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରି ପ୍ରଗତିର ବାହକ ଭାବେ କାର୍ଯ୍ୟ କରୁଛନ୍ତି। ମହିଳାମାନଙ୍କ ନେତୃତ୍ୱ ନେବା ଓ କାର୍ଯ୍ୟ କରିବାର ଶୈଳୀ ବର୍ତମାନ ପ୍ରେରଣାଦାୟୀ ରହିଥିବା ସେ କହିଥିଲେ।

ଶିରିପୁର-ବାସିନ୍ଦିପୁର ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଖଇରା, ୦୭/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶିରିପୁର-ବାସିନ୍ଦିପୁର ଠାରେ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ ବୁଧବାର ସଂଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି ।ଶନିବାର ଜଳାଭିଷେକ,ରବିବାର ଦେବୀ ଯଜ୍ଞ ଓ ନୃତ୍ୟ ପ୍ରତିଯୋଗିତା, ସୋମବାର ଗଣପତି ଯଜ୍ଞ ଓ ପ୍ରତିଭା ସମ୍ମାନ,ମଙ୍ଗଳବାର ସୂର୍ଯ୍ୟ ଯଜ୍ଞ ଓ ପ୍ରତିଭା ସମ୍ମାନ ଏବଂ ବୁଧବାର ଦିନ ବିଷ୍ଣୁ ଯଜ୍ଞ ସହିତ ସଂଧ୍ୟାରେ ମହାଆଡମ୍ବରରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ ମଦନମୋହନ ପଣ୍ଡା, ରବିନାରାୟଣ ଶତପଥି, ଦାମୋଦର ପଣ୍ଡା, ଚକ୍ରଧର ଶତପଥି ଙ୍କ ଦ୍ୱାରା ତାରକେଶ୍ୱରଙ୍କ ପୁଜାର୍ଚ୍ଚନା ସହିତ ପୁର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ଶତାଧିକ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ସଂଧ୍ୟାରେ ଓଲିଉଡ କଳକାର ମାନେ ଯୋଗ ଦେଇ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲେ । ଯଜ୍ଞର କମିଟି ସଭାପତି ଶଶିକାନ୍ତ ବେହେରା,ସମ୍ପାଦକ ମୁକ୍ତିକାନ୍ତ ପାଢୀ,ସଭ୍ୟ ଦାମୋଦର ସାହୁ,ପାଣ୍ଡବ ବେହେରା,ରାଜେନ୍ଦ୍ର ବେହେରା,ରତିକାନ୍ତ ବେହେରା,ଦିପ୍ତିକାନ୍ତ ପାଢୀ,ତୃପ୍ତିକାନ୍ତ ପାଢୀ,ଗୁଲୁ ସାମଲ,ମହେନ୍ଦ୍ର ବେହେରା,କୈଳାସ ବେହେରା,ବାପିନ ସାମଲ,ଚକ୍ରଧର ବେହେରା,ବୈଦ୍ୟନାଥ ସାମଲ,ରାଧାକାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

ଝିଅକୁ ମାରି ଝୁଲି ପଡ଼ିଲା ମା'

ଗଞ୍ଜାମ, ୦୭/୩ (ନି.ପ୍ର): ଝିଅକୁ ମାରି ବେକରେ ରଶି ବାନ୍ଧି ଝୁଲି ପଡ଼ିଲା ମା'! ଗଞ୍ଜାମ ଜିଲ୍ଲା ପୋଲସରା ଥାନା ସାନବରଗାଁ ବାଲିହତାସାହିରେ ଏକ ବନ୍ଦ ଘରୁ ଜଣେ ମହିଳା ଓ ତାଙ୍କ ଝିଅର ମୃତଦେହ ମିଳିବା ପରେ ହୋଇଛି ଏମିତି ଅଭିଯୋଗ।
ମୃତ ମହିଳାଙ୍କ ନାଁ ମାଣିକ ଗୌଡ଼। ତାଙ୍କ ଝିଅଙ୍କ ନାଁ ଗେଲି। ମାଣିକଙ୍କ ଝିଅ ଗେଲିଙ୍କୁ ମାତ୍ର ୫ ବର୍ଷ ହୋଇଥିଲା। ଆଜି ଅପରାହ୍ନରେ ଦୀର୍ଘ ସମୟ ଧରି ମାଣିକ ଗୌଡ଼ଙ୍କ ଘରର କବାଟ ଖୋଲି ନଥିଲା। ତେଣୁ କିଛି ପଡ଼ୋଶୀଙ୍କର ସନ୍ଦେହ ହୋଇଥିଲା। ସେଥିପାଇଁ ସେମାନେ ପୋଲସରା ପୁଲିସ୍ ?କୁ ଖବର ଦେଇଥିଲେ। ପୁଲିସ୍ ଆସି ଘର ଭିତରେ ପଶିବା ପରେ ମାଣିକ ଓ ଗେଲିଙ୍କ ମୃତଦେହ ମିଳିଥିଲା। ଏହା ଦେଖି ପୁଲିସ ମାଣିକଙ୍କ ବାପ ଘର ଲୋକଙ୍କୁ ଖବର ଦେଇଥିଲା। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ମାଣିକଙ୍କ ବାପ ଘର ଲୋକେ କହିଛନ୍ତି। ମାଣିକଙ୍କୁ ତାଙ୍କ ସ୍ୱାମୀ ମାରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣା ନେଇ ପୁଲିସ୍ ?ର ପ୍ରତିକ୍ରିୟା ମିଳିପାରି ନାହିଁ। ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି।

୨୫ବର୍ଷ ଅତିକ୍ରାନ୍ତ ହୋଇଗଲା: ଦାଦନ ଖଟିବାକୁ ଯାଇ ଫେରିଲେନି ୩ ବ୍ୟକ୍ତି

ଖଇରା, ୦୭/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନା ଅଧୀନ ହରିପୁର ଗ୍ରାମର ସପନ ଖୁଣ୍ଟିଆଙ୍କ ପୁଅ ଗଣେଷ ଖୁଣ୍ଟିଆ(୫୯),ସୁରେନ୍ଦ୍ର ଖୁଣ୍ଟିଆଙ୍କ ପୁଅ ଆନନ୍ଦ ଖୁଣ୍ଟିଆ(୫୧) ଓ ବିନେଦ ଖୁଣ୍ଟିଆ(୪୮) ଦିର୍ଘ ୨୫ବର୍ଷ ରୁ ଉର୍ଦ୍ଧ ସମୟ ହେଲା ଦାଦନ ଖଟିବାକୁ ବହାର ରାଜ୍ୟକୁ ଯାଇ ଆଉ ଫେରି ନାହାଁନ୍ତି । ଯେଉଁଥିପାଇଁ ସେମାର୍ନଙ୍କ ସ୍ତ୍ରୀ ଓ ପରିବାର ଲୋକେ ମନସ୍ତାପରେ ଦିନକାଟୁଛନ୍ତି । ସେପଟେ ଫେରୁନଥିବା ବ୍ୟକ୍ତିମାନଙ୍କ ବିଷୟରେ କିଛି ସୂଚନା ମିଳୁନଥିବାରୁ ଜମିବାଡି ଭାଗବଣ୍ଟା ହୋଇପାରୁନାହିଁ କି ପରିବାର ଲୋକଙ୍କୁ ସରକାରୀ ସହାୟତା ମଧ୍ୟ ମିଳିପାରୁନାହିଁ । ନିଜର ଅଭାବ ଅନଟନ ସମ୍ପର୍କରେ ଏହି ନିଖୋଜ ବ୍ୟକ୍ତିମାନଙ୍କ ସ୍ତ୍ରୀ ମାନେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କୁ ଅବଗତ କରାଇବା ସହ ସେମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି ।

ମହିଳାଙ୍କୁ ଅସଦାଚରଣ ମାମଲାର ରାୟ ପ୍ରକାଶ : ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ବେତନଟୀ , ୦୭/୩ (ନି.ପ୍ର): ବେତନଟୀ ଜେଏମଏଫସି କୋର୍ଟ ରେ ଆଜି ଏକ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ ଅଭିନାଶ ନାଇଡୁ ଏହାର ବିଚାର କରି ଦୋଷି କୁ ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦୟ ଅଧିକ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଞ୍ଚଳ ର ଝାଡାଜାମଦା ଗ୍ରାମ ର ହାପନ ମୁର୍ମୁ ବୋଲି ଜଣାପଡିଛି। ଏତଲାକାରୀ ଙ୍କ ସ୍ୱାମୀ ଦାଦନ କାମ କରିବାକୁ ୍ରାହାରକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିଲା। ୨୦୧୮ ମସିହା ଜାନୁଆରୀ ୭ ତାରିଖ ରାତିରେ ଭିତର ପଟୁ କବାଟ ବନ୍ଦ କରିଦେଇ ମହିଳା ଘରେ ଶୋଇଥିବା ବେଳେ ପ୍ରାୟ ରାତି ୧୨ ଟା ସମୟରେ ଅଭିଯୁକ୍ତ ହାପନ କବାଟ ଖୋଲି ଘର ଭିତରକୁ ପଶିଥିଲା। ପୀଡ଼ିତା ମହିଳା ଙ୍କୁ ଟଣାଉଟରା କରି ଅସଦାଚରଣ କରିଥିବା ବେଳେ ପଡିତା ପାଟି କରିବାରୁ ପଡିତା ଙ୍କ ଘରୁ ପଳାଇଥିଲା। ଏହି ବିଷୟରେ ଗ୍ରାମ ରେ ସମାଧାନ ପାଇଁ ବିଚାର ବସିଥିଲେ ମଧ୍ୟ ସମାଧାନ ନ ହେବାରୁ ପଡିତା ବେତନଟୀ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କୁ ଭିତ୍ତି କରି ବେତନଟୀ ଥାନା ରେ ଅସଦାଚରଣ ମାମଲା ରୁଜୁ ହୋଇଥିଲା। ସରକାରୀ ଓକିଲ ନିହାର ରଞ୍ଜନ ଜେନା ଏହି ମାମଲା ପରିଚାଳନା କରିଥିଲେ।

ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ବସ୍ତା, ୦୭/୩ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଠାରେ ଆଶା ସ୍ୱେଚ୍ଛାସେବି ସଂଗଠନ ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତି ସ୍ୱତନ୍ତ୍ର ମୂକଓ ବଧିର ଆବାସିକ ବିଦ୍ୟାଳୟ ରେ ୨୨ତମ ପ୍ରତିଷ୍ଠା ଦିବସ ଗୁରୁବାର ସଂଧ୍ୟାରେ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ପ୍ରତିଷ୍ଠାତା ଆଡଭୋକେଟ ଶ୍ରୀଯୁକ୍ତ ଅମର ପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସମୟଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ।ମୁଖ୍ୟ ଉଦଘାଟକ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ସଡଙ୍ଗୀ ଯୋଗ ଦେଇ ଦେଇଥିବା ସାଂସଦ ପାଣ୍ଠିଅର୍ଥ ରେ ନିର୍ମିତ ପକ୍କା ଗୃହକୁ ଫିତା କାଟିଶୁଭାରମ୍ଭ କରିଥିଲେ । ମୂଖ୍ୟ ବକ୍ତା କବି ଅଭୟ ଦାସ, ସମ୍ମାନିତ ଅତିଥି ସୁଲଗ୍ନା କଲେଜର ଅଧ୍ୟକ୍ଷ ଘନଶ୍ୟାମ ବିଶ୍ୱାଳ, ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା ସମ୍ପାଦକ ମଞ୍ଜୁବତୀ ବିଶ୍ୱାଳ. ବିଶେଷ ଅତିଥି ସମାଜସେବୀ ଶ୍ୟାମା ପ୍ରସାଦ ବେହେରା,ସମାଜସେବୀ ରବିନ୍ଦ୍ରଜୈନ,ସୂର୍ଯ୍ୟନାରାୟଣ ସାହୁ,ବିଜେପି ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି. ସିଦ୍ଧେଶ୍ୱର ଦାସ ମଥାନୀ ସମବାୟ ସମିତି ସଭାପତି କିଶୋର ପାଳ ଯୋଗ ଦେଇ ଏହି ବିଦ୍ୟାଳୟରେ ମୂକ ଓ ବଧିର ପିଲା ମାନଙ୍କୁ ସମାଜର ମୂଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ଭବିଷ୍ୟତ ଗଢିବାର ପ୍ରଚେଷ୍ଟା କରିଥିବା ଶ୍ରୀଯୁକ୍ତ ପାଳଙ୍କ ମହୋନିୟତାକୁ ପ୍ରଶଂସା କରିଥିଲେ । ଶିକ୍ଷୟତ୍ରୀ ସ୍ମୀତା ରାଣୀ ମହାପାତ୍ର,ଅପରାଜିତା ସେନାପତି, ନିର୍ମଳା ବାସିନୀ ସେନାପତି, ଶିକ୍ଷକ ଚନ୍ଦନବିଶ୍ୱାଳ, ହର୍ସବର୍ଦ୍ଧନ ଧଳ, ଗଜେନ୍ଦ୍ର ପ୍ରଧାନ, ସରସ୍ୱତୀ ପ୍ରଧାନ,ପ୍ରଦୀପ ସାହୁ, ସମେତ ଅଣ ଶିକ୍ଷକ କର୍ମଚାରୀ କମିଟିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତଥିଲେ ନରୋତ୍ତମ ବିଶ୍ୱାଳ ଧନ୍ୟବାଦ ଯଣାଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବିଜେପି ସହ ଆସନ...

ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ଯେଉଁ ଆସନ ବୁଝାମଣା ହେବ ତାହା ଉପରେ ସହମତି ହୋଇଛି । ବିଜେଡି ଲୋକସଭାରେ ୮ଟି ଓ ବିଧାନସଭାରେ ୯୮ଟି ସିଟ୍?ରେ ନିଜର ପ୍ରାର୍ଥୀ ଦେବ ବୋଲି ଉଭୟ ଦଳ ମଧ୍ୟରେ ଏକପ୍ରକାର ସହମତି ହୋଇଛି । ଏବେ କେଉଁ ଦଳ କେଉଁ ସିଟରେ ଲଢ଼ିବେ ତାକୁ ନେଇ ବିଜେପି ନେତୃତ୍ୱଙ୍କ ସହ ବୈଠକ କରି ପାଣ୍ଡିଆନ ଓ ବବି ସ୍ଥିର କରିବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ଦୀର୍ଘ ପ୍ରାୟ ୧୧ବର୍ଷର ମେଂଟ ସମ୍ପର୍କକୁ ବିଜେଡି ୨୦୦୯ ମାର୍ଚ୍ଚ ୮ତାରିଖରେ ଛିନ୍ନ କରିଥିଲା । ବିଜେପି ନେତୃତ୍ୱାଧୀନ ଏନଡିଏ ମେଂଟରୁ ଓହରି ଯାଇଥିଲା । ଏବେ ଦୀର୍ଘ ୧୫ବର୍ଷ ପରେ ବିଜେଡି ପୁଣିଥରେ ଏନଡିଏ ମେଂଟକୁ ଫେରିବା ପ୍ରାୟତଃ ନିଶ୍ଚିତ ହୋଇଯାଇଛି । ଦିନେ ଦୁଇଦିନ ମଧ୍ୟରେ ମେଂଟକୁ ନେଇ ସ୍ପଷ୍ଟ ଚିତ୍ର ଆସିବ ଓ ୧୨ତାରିଖ ସୁଦ୍ଧା ଦୁଇ ଦଳ ମେଂଟ-ଆସନ ବୁଝାମଣାର ଫର୍ମୂଲା ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବେ ବୋଲି ଜଣାପଡ଼ିଛି ।

ବଢ଼ିଲା ଆଉଟ୍‌ସୋର୍ସିଂ କର୍ମଚାରୀ ....

ଏଜେନ୍ସୀଗୁଡ଼ିକ ସହିତ ସପ୍ଲିମେଣ୍ଟାରୀ ଏଗ୍ରୀମେଣ୍ଟ କରିବେ। ବଢ଼ିଛି ଆଶାକର୍ମୀଙ୍କ ଦରମା। ଆଶାକର୍ମୀଙ୍କ ପାରଶ୍ରମିକଙ୍କୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ମାସିକ ଦରମା ୪,୫୦୦ରୁ ୭ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଖାଲି ଏତିକି ନୁହେଁ ଆଶାକର୍ମୀମାନଙ୍କର ସେବା ନିବୃତ୍ତି ପ୍ରୋତ୍ସାହନ ରାଶି ୫୦ ହଜାରରୁ ୧ ଲକ୍ଷକୁ ବୃଦ୍ଧି କରାଯାଇଥିବା ଘୋଷଣା କରାଯାଇଛି। ଏଥିରେ ୪୯,୫୨୨ ଆଶାକର୍ମୀ ଉପକୃତ ହେବେ। ପାରିଶ୍ରମିକ ବାବାଦରେ ପୂର୍ବରୁ ରାଜ୍ୟ ସରକାର ବାର୍ଷିକ ୫୯ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ବାର୍ଷିକ ୨୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିଭଳି ସେବା ନିବୃତ୍ତି ସହାୟତା ବାବଦରେ ୫୫ ଲକ୍ଷ ଟଙ୍କା ରାଜ୍ୟ ସରକାର ବ୍ୟୟ କରିବେ । ସୂଚନାଯୋଗ୍ୟ, ବିଭିନ୍ନ ଦାବି ନେଇ ଆଶାକର୍ମୀମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ନିଯୁକ୍ତି ସହ ୨୬ ହଜାର ଦରମା ଓ ୧୦ ହଜାର ପେନସନ୍ ମୃତ୍ୟୁକାଳୀନ ବୀମାରାଶି ଦାବିରେ ଆଶାକର୍ମୀମାନେ ଧାରଣାରେ ବସିଥିଲେ।

ବିଜେଡିରେ ମିଶିଲେ...

ଅନ୍ୟପକ୍ଷରେ ଅରବିନ୍ଦଙ୍କ ବାପା ତଥା ବରିଷ୍ଠ ନେତା ବିଜୟ ମହାପାତ୍ର ମଧ୍ୟ କେନ୍ଦ୍ରାପଡ଼ାର ଜଣାଶୁଣା ଚେହେରା ଥିଲେ। ବିଜେଡି ଗଠନ ବେଳେ ବିଜୟ ମହାପାତ୍ରଙ୍କ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହେଲେ ବିଜେଡି ସହ ସମ୍ପର୍କ ତିକ୍ତ ହେବା ପରେ ବିଜେପିରେ ମିଶିଥିଲେ ବିଜୟ। ହେଲେ ଏବେ ବିଜୟଙ୍କ ବିଜେପିର କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ଆଜି ତାଙ୍କ ପୁଅ ବିଜେଡିରେ ମିଶିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ନଳିନୀ ମହାନ୍ତିଙ୍କ ପୁଅ ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ମିଶିଥିଲେ। କେନ୍ଦ୍ରାପଡ଼ାରେ ଦୁଇ ଜଣ ବରିଷ

ଶୁକ୍ରବାର, ମାର୍ଚ୍ଚ ୦୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ବୈଠକ

ବେତନଟୀ , ୦୭/୩ (ନି.ପ୍ର): ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ଗ୍ରାମ ପଞ୍ଚାୟତ ର ଗଣଦାମୋଦରପୁର ଗ୍ରାମ ରେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ର ଶିକ୍ଷା ସମୀକ୍ଷା ର ବୈଠକ ଅନୁଷ୍ଠିତ ହୋଇଛି ଯାଇଛି । ପ୍ରେମ ଏବଂ ୟୁ.ଏନ. ଦି.ଏ ସ୍ଥାନର ସହଯୋଗ ରେ ମୁଣ୍ଡିରୀ ଭାଷା ର ସଗ୍ରଷଣ ତଥା ପ୍ରଚାର ପ୍ରସାର ନିମନ୍ତେ ମୁଣ୍ଡାରୀ ଭାଷା ଭାଷୀ ଗ୍ରାମ ଗୁଡିକରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୩୦ ଗୋଟି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଆସନ୍ତା ୧୦ ତାରିଖ ରେ ଦିଲ୍ଲୀ ରୁ ଏକ ପ୍ରତିନିଧି ଦଳ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟ ପରିଦର୍ଶନ ପାଇଁ ଆସିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଚଳିତ ବର୍ଷ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ତରଫରୁ ମୁଣ୍ଡାରୀ ଭାଷା ରେ ବାର୍ଷିକ ମୁଣ୍ଡାରୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ସେହି ପରୀକ୍ଷା ରେ ଅଧିକ ସଂଖ୍ୟକ ପରୀକ୍ଷା ଦ୍ୱୋ ଆହ୍ୱାନ କରାଯାଇଛି । ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଶିକ୍ଷା ସମୀକ୍ଷା ବୈଠକ ରେ ମୟୂରଭଞ୍ଜ ଜିଲ୍ଲାର ସମ୍ପାଦକ ବୁଦ୍ଧିଆ ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ , ସମ୍ପାଦକ ରଥ ସିଂ, କେନ୍ଦୁଆ ପଞ୍ଚାୟତ ଆବାହକ ସନାତନ ସିଂ, ୱାଡ ମେମ୍ବର ପ୍ରମିଳା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରସିଦ୍ଧ ଶୈବପୀଠ ମାଣତ୍ରୀର ଆରାଧ୍ୟ ଦେବତା ବାବା ଶ୍ରୀ କଖାରୁଆ ବୈଦନାଥଙ୍କ ମନ୍ଦିରରେ ଭୋର ୪ଟାରେ ଉଠିବ ମହାଦୀପ

ବଡ଼ସାହି , ୦୭/୩ (ନି.ପ୍ର): ଉତ୍ତର ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମାଣତ୍ରୀର ଆରାଧ୍ୟ ଦେବତା ବାବା ଶ୍ରୀ କଖାରୁଆ ବୈଦନାଥଙ୍କ ମନ୍ଦିରରେ ଶିବରାତ୍ରି ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଭକ୍ତମାନେ କିପରି ଦିଅଁ ଦର୍ଶନ, ପୂଜା, ଦଣ୍ଡବତ ପଡ଼ିବା ଓ ଦୀପ ଜାଳିବା ଶାନ୍ତି ଶୃଙ୍ଖଳାର ସହିତ କରିପାରିବେ ସେଥି ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶୃଙ୍ଖଳିତ ଭାବରେ ପୂଜା ଓ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଛି । ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ଭୋର ୪ଟାରେ ଦିଅଁଙ୍କ ପହଡ଼ ଭଙ୍ଗା ପରେ ଚଳିତଥର ନୂତନ ଭାବରେ ମନ୍ଦିର ପରିସରରେ ଏକବିଶାଳ ଘିଅ ଦୀପ ପ୍ରଜ୍ଜଳନ ପରେ କଖାରୁଆ ବୈଦନାଥ ମହଦେବଙ୍କର ପାଲିଙ୍କି ଶୋଭାଯାତ୍ରା ଗ୍ରାମ ଓ ବଜାର ପରିକ୍ରମା କରିବ । ୪ଟା

୩୦ମିନିଟରେ ବାଲ୍ୟ ଭୋଗଲାଗି ଓ ସାଧାରଣ ଦର୍ଶନ, ସାଧାରଣ ପୂଜାଲାଗି ୫ଟାରୁ ଚାଲୁ ରହିବ । ଅପରାହ୍ନ ୩ଟାରେ ପର୍ବାଣୀର ବିଶେଷ ଭୋଗଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତୀ, ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ସାଙ୍ଗକୁ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ ସଜାଣୀ, ୩ଟାରୁ ୪ଟା ରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟା ପରେ ମହାଦୀପ ଉଠିବ । ଶନିବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ । ବ୍ରତୀ ମାନେ ନିଶୁଳ୍କ ଦୀପ ଜାଳିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଧର୍ମଜାଗରଣ ସମିତି ପକ୍ଷରୁ ୨୪ଘଣ୍ଟା ନିରବଚ୍ଛିନ୍ନ 'ଓଁ ନମଃ ଶିବାୟ' ଜପ ପୂର୍ବବର୍ଷ ଭଳି ଆୟୋଜିତ ହେବ । ୮ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଦୁଇଟି ବଡ ଯାତ୍ରାପାର୍ଟି ନାଟକ ପରିବେଷଣ କରିବ ବୋଲି ଜଣାପଡ଼ିଛି । ମେଳାରେ ଜୁଆ, ମଦକାରବାର ଓ ଅସାମାଜିକ କାର୍ଯ୍ୟାକଳାପ ରୋକାଯିବା ପାଇଁ ଜଣେ ମାଜିଷ୍ଟ୍ରେଟ ଓ ଡିଏସପିଙ୍କ ସହିତ ୨ପ୍ଲାଟୁନ ପୁଲିସ ଫୋର୍ସ ଓ ଅଫିସର ମୁତୟନ କରାଯାଇଛି । ମେଳା ପାଇଁ ଏକ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯାଇଛି ବୋଲି ବେତନଟୀ ଏସଡ଼ିପିଓ ସୁର୍ଦଶନ ଦାଶ କହିଛନ୍ତି । ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯିବାକୁ ଥିବା ବେଳେ ଭିଡ଼କୁ ନିୟନ୍ତ୍ରଣ ପାଇଁ ବୈଶିଙ୍ଗା-ବଡ଼ସାହି ରାସ୍ତାର ମାଣତ୍ରୀ ଇନ୍ଦିରା ଛକ ଓ ବୈଶିଙ୍ଗା-ଉଦଳା ରାସ୍ତାର ଚମ୍ପାଲାଞ୍ଜି ଛକପାଖରୁ ମେଳାକୁ ଯାନବାହାନ ନିଷେଧ କରାଯାଇଛି । ସେହିପରି ବଡ଼ସାହି ଅଗ୍ନିଶମ ବାହିନୀ ପକ୍ଷରୁ ଏକ ଦଳ ମୁତୟନ ହୋଇଛନ୍ତି । ତତସହିତ ପଞ୍ଚାୟତ, ସ୍ୱାସ୍ଥ୍ୟବିଭାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାହାଯ୍ୟ/ସୂଚନା କେନ୍ଦ୍ର ଖୋଲାଯାଇଛି । ମେଳା ପଟ୍ଟାଦାର ଅଶ୍ୱିନୀ ବେହେରାଙ୍କ ସୂଚନା ଅନୁଯାୟୀ ଚଳିତ ମେଳାରେ ସ୍ଥାନ ଆବଣ୍ଟନର ସୁବ୍ୟବସ୍ଥା ପାଇଁ ରେକର୍ଡ଼ ସଂଖ୍ୟକ ସର୍ବାଧିକ ୧୧୬୧ଟି ଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି । ତତସହିତ ଉଠା ଓ ବୁଲା ଦୋକାନୀ ବିକ୍ରୟ ସାମଗ୍ରୀ ସହିତ ମେଳାକୁ ଆସୁଛନ୍ତି ବୋଲି କହିଛନ୍ତି

ଜିଲ୍ଲାସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୦୭/୩ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ବେଟି ବଚାଓ, ବେଟି ପଢ଼ାଓ ଯୋଜନା ଅନ୍ତର୍ଗତ "କଲେକ୍ଟର କି କ୍ଲାସ୍" ଶୀର୍ଷକ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ବାଳିକାମାନେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭାଗନେବା ସହ କୃତୀତ୍ୱ ଅର୍ଜନ କରିଥିବା ବାଳିକାମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଥମାର୍ଦ୍ଧରେ ଆୟୋଜିତ ଉଦ୍‌ଘାଟନ ପର୍ବରେ ମୁଖ୍ୟ ଅତିଥି ରୂପେ ଶିଶୁମଂଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ଶିଶୁ ମଂଗଳ କମିଟିର ଅଧ୍ୟକ୍ଷ ଡା. ସୁଦର୍ଶନ ବାରିକ, ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଜିଲ୍ଲା କର୍ମନିୟୋଜନ ଅଧିକାରିଣୀ ଅନିତା ନାୟକ, ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଚାଳିତ ସଭାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ କରିଥିଷଲ । ଭଦ୍ରକ ମହିଳା ମହାବିଦ୍ୟାଳୟ, ଭଣ୍ଡାରିପୋଖରୀ ମହାବିଦ୍ୟାଳୟ, ତୃପ୍ତି ମହିଳା ମହାବିଦ୍ୟାଳୟ ଓ ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ଅସୁରାଳି ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, ଏକକ ଅଭିନୟ ଓ ଦକ୍ଷତା ବିକାଶ ବିଦ୍ୟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦକ୍ଷ ବିଚାରକ ମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଦ୍ୱିତୀୟାର୍ଦ୍ଧ ଉଦ୍‌ଯାପନୀ ପର୍ବରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଟୁଡୁ ବାଳିକାମାନଙ୍କ ଉଦ୍ଦେଶ୍ୟରେ ନିଜ ଜୀବନର ଅନୁଭୂତି ଏବଂ ସଫଳତା କାହାଣୀ ବର୍ଣ୍ଣନା କରିଥିଲେ । ପ୍ରତ୍ୟକ ବାଳିକାମାନେ ଜ୍ଞାନର ଉତ୍ସ ଏବଂ ସଶକ୍ତ ପ୍ରଚଣ୍ଡ ପ୍ରତିଭାର ଅଧିକାରିଣୀ ବୋଲି ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ପାଣିଗ୍ରାହୀ ରବିନ୍ଦ୍ର ନାଥଙ୍କ ଜୀବନ ଶୈଳୀରେ ନାରୀମାନଙ୍କ ଭୂମିକା ଏବଂ ଛାତ୍ରୀମାନଙ୍କ ଅଧ୍ୟବସାୟ ଶିଖରକୁ ସ୍ପର୍ଶ କରିପାରେ ବୋଲି ମତପୋଷଣ କରିଥିଲେ । ସେହିପରି ମୁଖ୍ୟ ଅତିଥି ଡ଼ା. ପାଣିଗ୍ରାହୀ ନିଜ ବକ୍ତବ୍ୟରେ ବାଳିକାମାନେ ଚାହିଁଲେ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିପାରିବେ ବୋଲି କହିଥିଲେ । ଡ. ବାରିକ ବକ୍ତବ୍ୟରେ ବାଳିକା ମାନଙ୍କର ଅନ୍ତର୍ନିହିତ ଗୁଣ ତାଙ୍କ ଭିତରେ ସୁପ୍ତ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମ ବାଳିକା ମାନଙ୍କୁ ଉତ୍ସାହିତ କରିବା ସହ, ଶିକ୍ଷା ଅନ୍ୟାନ୍ୟ କଳାକୁ ବିକାଶ କରିବା ପାଇଁ ପ୍ରେରଣ ଦାୟକ ହେବ ବୋଲି ମତ ଦେଇଥିଲେ । ସେହିଭଳି ଦକ୍ଷତା ବିକାଶରେ ସହାୟକ ପାଇଁ କର୍ମନିୟୋଜନ ଅଧିକାରିଣୀ ମତ ଦେଇଥିଲେ । ପ୍ରୋବେସନ ଅଧିକାରୀ ଶ୍ରୀ ଦାସ ବାଳିକାମାନଙ୍କୁ ସବୁ ସ୍ତରରେ ସାହାଯ୍ୟ, ସହଯୋଗ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସର୍ବଦା ତତ୍ପର ବୋଲି ମତବ୍ୟକ୍ତ କରିଥିଲେ ।

ସର୍ବଭାରତୀୟ ସଂସ୍କୃତ ସ୍ନାତକୋତ୍ତର ସ୍ତରରେ ଓଡିଆ ଝିଅ ଟପ୍ପର

୪ଟି ବିଷୟରେ ସ୍ୱର୍ଣ୍ଣପଦକ : ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ

ଜଳେଶ୍ୱର , ୦୭/୩ (ନି.ପ୍ର): ନିକଟରେ ଏକଲବ୍ୟ କେନ୍ଦ୍ରୀୟ ସଂସ୍କୃତ ବିଷୟରେ ପରୀକ୍ଷାଫଳ ପ୍ରକାଶ ପାଇଛି । ସର୍ବଭାରତୀୟ ସ୍ତରରେ ଆସାମ ରାଜ୍ୟର ଅଗରତାଲାଠାରେ ଥିବା ଏକଲବ୍ୟ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ ହୋଇଥିବା ବେଳେ ସ୍ମୃତିଶିକ୍ଷା ସାହୁ ୪ଟି ବିଷୟରେ ସର୍ବାଧିକ ନମ୍ବର ରଖି ୪ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେ କୂଳାଧିପତୀ ସ୍ୱର୍ଣ୍ଣ ପଦକ, କୂଳଧକ୍ଷ୍ୟ ସ୍ୱର୍ଣ୍ଣ ପଦକ, ଆଚାର୍ଯ୍ୟ ରାମକରଣ ଶର୍ମା ସ୍ୱର୍ଣ୍ଣ ପଦକ, ଶ୍ରୀମାଦଲକର ଲକ୍ଷ୍ମୀ ସ୍ୱର୍ଣ୍ଣ ପଦକ ପାଇ ରାଜ୍ୟକୁ ଗୌରବ ଆଣିଛନ୍ତି । ସେ ଜଳେଶ୍ୱରର ଶାଳିକୋଠାସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଓ ମାତା କଲ୍ୟାଣୀ ସାହୁଙ୍କ ଏକମାତ୍ର କନ୍ୟା ଅଟନ୍ତି । ଏହି ଅବସରରେ ଦିଲ୍ଲୀର ଯଶୋଭୂମୀସ୍ଥିତ ବ୍ରହ୍ମକୋମଳ ଏଡିଟରୀୟମ୍‌ରେ ଭାରତର ମହାମହୀମ ରାଷ୍ଟ୍ରପତି ତାଙ୍କୁ ଏହି ୪ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି । ଏହି ବର୍ଣ୍ଣାଢ୍ୟ ସଭାରେ କେନ୍ଦ୍ର ମନ୍ତ୍ରୀ ତଥା କୂଳପତି ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀନିବାସ ବରଖେରୀ ମଧ୍ୟ ଉପସ୍ଥିତ ଥିଲେ । ପୂର୍ବରୁ ସେ ନାଟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ହୋଇଥିଲେ । ଏହି ଖବର ପ୍ରଚାରୀତ ହେବାପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁହ ଛୁଟିଛି ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ।

ନୀଳଗିରି ବନବିଭାଗ ଓ ଚୋରା କାଠମାଫିଆଙ୍କ ଲୁଚକାଳିରେ ଅଳ୍ପକେ ବର୍ତ୍ତିଲା ଦୁଇ ଜୀବନ

ନୀଳଗିରି , ୦୭/୩ (ନି.ପ୍ର): ଚୋରାରେ କାଠ ଭର୍ତ୍ତିକରି ଯାଉଥିବା ଏକ ପିକଅପ୍ ଗାଡ଼ିକୁ ନୀଳଗିରି ବନବିଭାଗ ଓ ଚୋରା କାଠମାଫିଆଙ୍କ ମଧ୍ୟରେ ଛକାପଞ୍ଚା ଓ ଗୋଡାଗୋଡ଼ି ମଧ୍ୟରେ ହଠାତ୍ କାଠଗାଡ଼ି ଡ୍ରାଇଭର ଜଣେ ବ୍ୟକ୍ତିଙ୍କ ବାଡି ଭିତରେ ତରବରରେ ପୁରାଇଦେବା ଫଳରେ ଗାଡ଼ି ଧକ୍କାରୁ ଉକ୍ତ ପରିବାରର ଦୁଇ ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଏନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା । ସୂଚନା ଅନୁଯାୟୀ ଏକ ଧଳା ରଙ୍ଗର ମହିନ୍ଦ୍ରା ପିକ-ଅପ ଗାଡି – ଓ ଡି ୦୧ଏ ୯୦୯୭ରେ ୬ଖଣ୍ଡ ତୁଡୁରା ଗଣ୍ଡି, ୧୬ଖଣ୍ଡ ଛତିଆନ ଗଣ୍ଡି ଓ ୩ଖଣ୍ଡ ମହାନିମ ଗଣ୍ଡି ବୋଝେଇ କରି ଡ୍ରାଇଭର ସାଆନ୍ତାରୁ ସୋମାନଥପୁର ପି.ଡବ୍ଲୁ.ଡି ରାସ୍ତାରେ ଯାଉଥିବା ସମୟରେ ବର୍ତ୍ତନା ଛକ ନିକଟରେ ବନବିଭାଗର କର୍ମଚାରୀମାନଙ୍କୁ ଦେଖି ଡ୍ରାଇଭର ଓ ବନବିଭାଗ କର୍ମଚାରୀ ମଧ୍ୟରେ କିଛି ସମୟ ପାଇଁ ଗୋଡାଗୋଡ଼ି ଓ ଛକାପଞ୍ଚା ଲାଗିରହିଥିଲା । ଶେଷରେ ଗାଡିଟିକୁ ଜଣେ ଲୋକଙ୍କ ବାଡ଼ିରେ ପୁରାଇ ଡ୍ରାଇଭର ଗାଡ଼ି ଛାଡି ପଳାଇ ଯାଇଥିଲା । ଏହାପରେ ଗାଡିରେ ଥିବା ମୋଟ ୨୫ ଖଣ୍ଡ କାଠ ଗଣ୍ଡି ସହ ଗାଡି ଘଟଣା ସ୍ଥଳରୁ ଜବଦ

କରି ନୀଳଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏହି ଚଢଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇଶା ଏ ନିଶା, ଫରେଷ୍ଟର ନୀଳଗିରି ଓ ମିତ୍ରପୁର, ଫରେଷ୍ଟ ଗାର୍ଡ ମିତ୍ରପୁର ଓ ସବୁଜ ବାହିନୀ ସଦସ୍ୟମାନେ ସାମିଲ ଥିଲେ । ଏହି ଗାଡି ସହ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି ।

ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଜେ. ଏନ. ଟାଟା ୧୮୫ତମ ଜନ୍ମବାର୍ଷିକ ପାଳନ

ଲଙ୍ଗଳେଶ୍ୱର/ବାଲିଆପାଳ, ୦୭/୩ (ନି.ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଡଗରା ମୌଳିକ ବିଦ୍ୟାଳୟରେ ଜାମସେଦଜୀ ନୁସେରୱାନଜୀ ଟାଟାଙ୍କର ଜନ୍ମଦିନ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ବାଲେଶ୍ୱର ମୁଖ୍ୟ ପ୍ରମୋଦ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏହି ଉତ୍ସବ ରେ ଡଗରା, ଚୌମୁଖ, ବେତଗଡ଼ିଆ, ବଡାଶ, ପ୍ରତାପପୁର ପଞ୍ଚାୟତର ବିଭିନ୍ନ ସ୍କୁଲର ପିଲାମାନେ ଏବଂ ବସ୍ତା ବାଲିଆପାଳ ଅଂଚଳ ର ବିଭନ୍ନ ଏସ ଏଚ ଜୀ ମା ମାନଙ୍କୁ ନେଇ ଏକ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ସହିତ ଜେ ଏନ ଟାଟାଙ୍କ ୧୮୫ତମ ଜନ୍ମବାର୍ଷିକ ପାଳନ କରାଯାଇଥିଲା ।

ବେତନଟୀରେ ନବୀନ କାର୍ଡ ଶୁଭାରମ୍ଭ

ବେତନଟୀ, ୦୭/୩ (ନି.ପ୍ର): ବେତନଟୀ ବ୍ଲକ ର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନବୀନ କାର୍ଡ ର ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଆଜି ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ ସଭାପତିତ୍ୱରେ ଏକ ସଭାରେ ବିଡିଓ ଡ. ଅମୃତ କୁମାର ରାଉଳ, ୩୫ନମ୍ବର ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୭ନମ୍ବର ଜୋନ ଜିଲ୍ଲାପରିଷଦ ଧାନୀ କିସ୍କୁ ଓ ଏବଡିଓ ଗଗନବିହାରୀ ବେହେରା ପ୍ରମୁଖ ଅତିଥୁଅଧିକାରୀଗଣ ମଞ୍ଚାସୀନ ଥିଲେ । ପୁରୁଷଙ୍କ ପାଇଁ ବାର୍ଷିକ ୫ଲକ୍ଷଟଙ୍କା ଏବଂ ମହିଳାଙ୍କ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କାର ବୀମାରାଶି ଏଥରେ ଉପଲବ୍ଧ ରହିଛି । ଦେଶବ୍ୟାପୀ ଅନୁବନ୍ଧିତ ୮ଶହରୁ ଉର୍ଦ୍ଧ୍ୱ ଘରୋଇ ଡାକ୍ତରଖାନାରେ ଏହି ନବୀନକାର୍ଡ ମାଧ୍ୟମରେ ମଧ୍ୟବିତ୍ତ ପରିବାର ଚିକିତ୍ସାକ୍ଷେତ୍ରରେ ଲାଭବାନ ହେବେ । ବେତନଟୀ ବ୍ଲକରେ ପ୍ରଥମପର୍ଯ୍ୟାୟରେ ୨୪ଗୋଟି ପଞ୍ଚାୟତର ୫୫୪ଜଣ ପଞ୍ଜୀକୃତ ହୋଇସାରିଥିବା ବେଳେ ଆଗକୁ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଥିବାନେଇ ଜିପିଏଓ ସୁଶାନ୍ତ କୁମାର ରାଉଳ ସୂଚନା ଦେଇଛନ୍ତି ।

ଜେ.ଏସ.ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ, ୦୭/୩ (ନି.ପ୍ର): ଜେ.ଏସ.ଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ମଧୁବନ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆନ୍ତର୍ଜାତୀୟ ମହିଳା ଦିବସ ବିଗତ ୧୯୦୯ ମସିହାରୁ ପାଳନ ହୋଇ ଆସୁଥିବା ବେଳେ ବର୍ତମାନ ଏହି ଦିବସର ଯଥାର୍ଥତା ସମସ୍ତେ ଅନୁଭବ କରି ପାରୁଛନ୍ତି । ମହିଳା ମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ ତଥା ଦେଶ ଓ ବିଶ୍ୱ ସ୍ତରରେ ସେମାନଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।ମହିଳା ମାନଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା, ଅଭିଜ୍ଞତା ସହିତ ସକାରାତ୍ମକ ମନୋଭାବ ରହିଛି ।କାର୍ଯ୍ୟାଳୟ ହେଉକି ପରିବାର, ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ । କେବଳ ଆଜିର ଦିନରେ ଉତ୍ସବ ପାଳନ କରି ସମ୍ମାନ ଦେବା ଉଚିତ୍ ନୁହେଁ